ଚଣ୍ଡୀ ଯୁଦ୍ଧ

ବା

ମହିଷାସୁର ବଧ

ଲେଖକ ଓ ପ୍ରକାଶକ

ଗାୟକ ଶିରୋମଣି ଶ୍ରୀ ନିରଞ୍ଜନ କର

Digitized by srujanika@gmail.com

ଚଣ୍ଡୀ ଯୁଦ୍ଧ

ବା

ମହିଷାସୁର ବଧ

ଲେଖକ—

ଗାୟକ ଶିରୋମଣି **ଶ୍ରୀ ନିରଞ୍ଜନ କର**

ନିଖିଳ ଉତ୍କଳ ପାଲାଗାୟକ ସଂଘର ସଭାପତି

ମୂଲ୍ୟ ୦ ୭୨ ବା ୦ ୫୦ ନୂଆ ପଇସା

Digitized by srujanika@gmail.com

ପ୍ରକାଶକ
ଶ୍ରୀ ନିରଞ୍ଜନ କର
ମୁ: ଦେଶପୁର
ପୋ: ଅ: ଡେଓବଣ୍
ଜି: କଟକ

ପ୍ରଥମ ସଂସ୍କରଣ
୧୯୬୩

ମୁଦ୍ରାକର
ଶ୍ରୀ ଲକ୍ଷ୍ମୀଧର ଦାସ
ଦୁର୍ଗା ପ୍ରେସ
ଖଟବିନ୍ ସାହି
କଟକ-୧

Digitized by srujanika@gmail.com

ଗାୟକ ଶିରୋମଣି **ଶ୍ରୀ ନିରଞ୍ଜନ କର**

(ନିଖିଳ ଉତ୍କଳ ପାଲା ଗାୟକ ସଙ୍ଘର ସଭାପତି)

Digitized by srujanika@gmail.com

ଉତ୍ସର୍ଗ ପତ୍ର

ଅଶେଷ ସଦ୍‌ଗୁଣ ନିଧାନ ବିଦ୍ୟୋତ୍ସାହି ପ୍ରବର

ଶ୍ରୀଲ ଶ୍ରୀଯୁକ୍ତ ଆଳି ଅଧୀଶ୍ୱର ମହୋଦୟସ୍ୟ

ମହନୀୟସ୍ୟ ଚରଣେଷୁ

ଶ୍ରୀମନ୍ ମହାରାଜ !

ପୂର୍ବେ ମୁଁ ଆଳି ରାଜଧାନୀରେ ଶ୍ରୀଛାମୁଙ୍କ ସହିତ ସାକ୍ଷାତ୍ କରି ଶ୍ରୀଛାମୁଙ୍କର ରାଜୋଚିତ ସୌଜନ୍ୟ ଏବଂ ବିଦ୍ୟାନୁରାଗୀତାରେ ଅତ୍ୟନ୍ତ ପ୍ରୀତ ହୋଇ ମୋର ସ୍ୱ ରଚିତ ଚଣ୍ଡୀ କାବ୍ୟଟି ଶୁଣାଇବାରୁ ଆପଣ ସ୍ୱୟଂ ଦେବୀ ଭକ୍ତ ବୋଲି ଆପଣଙ୍କ ମୁଖଶ୍ରୀ କମଳରୁ ପରିସ୍ଫୁଟ ହେଉଥିଲା ।

ସେହି ଅବସରରେ ଏହି କାବ୍ୟ ଖଣ୍ଡିକ ଛାପା କରିବା ନିମନ୍ତେ ଶ୍ରୀଛାମୁଙ୍କୁ ଜଣାଇଥିଲି । ଶ୍ରୀଛାମୁ ଛାପା କରିବା ନିମନ୍ତେ ଅର୍ଥ ସାହାଯ୍ୟ କରିବେ ବୋଲି ଏହି ଲେଖକ କରି, କରି ପଠାଇ ବସିଛି ।

ଏହି ସାମାନ୍ୟ ପୁସ୍ତିକା ଖଣ୍ଡିକ ଶ୍ରୀଛାମୁଙ୍କର ଉପଯୁକ୍ତ ଉପହାର ନ ହେଲେହେଁ ଭବଦୀୟ ସୌଜନ୍ୟ ଉପରେ ନିର୍ଭର କରି ଏହାକୁ ଛାମୁରେ ଅର୍ପଣ କରିବାକୁ ସାହସୀ ହେଲି ।

ଆଶାକରେ, ଛାମୁରେ ଏହା ଗୃହୀତ ହେଲେ ନିଜକୁ କୃତାର୍ଥ ମନେ କରିବି । ଇତି ।

ଲେଖକ

Digitized by srujanika@gmail.com

ଜଗଦ୍ଧାତ୍ରୀ ପୂଜା
ବା
ଚଣ୍ଡୀ ଯୁଦ୍ଧ

ଆଦ୍ୟାଶକ୍ତିଙ୍କ ଜଣାଣ

ଚିତ୍ତ ମାନସ-ବିଶ୍ୱପତିଙ୍କି-ସେବି ବିଶ୍ୱେଶ୍ୱରୀ ଆଦ୍ୟାଶକ୍ତିଙ୍କି ।
ଦେଖ ଦିବ୍ୟଙ୍ଗନେ ଦିବ୍ୟ ନୟନେ
ଧର୍ମ ନୀତି ମାତାର ଅବତଂସ । ପଦ ।
ବ୍ୟୋମାର୍ଦ୍ଧ୍ୟ ସ୍ଥାଳିରେ ସୁରେନ୍ଦୁ କର୍ପୂର
ଶିଖା ସାରଥି ତାରକା ଜ୍ୟୋତିଙ୍କ । ୧ ।

ପ୍ରଥମେ କବି ମଙ୍ଗଳାଚରଣରେ ଆଦ୍ୟାଶକ୍ତିଙ୍କ ଦ୍ୱାରା ଅରତି ଜନ୍ମର ସର୍ବବ୍ୟାପକ ବିଶ୍ୱଗୁରୁ ନାରାୟଣଙ୍କୁ ସମଗ୍ର ପୃଥିବୀର ପ୍ରକୃତ ରୂପରେ ଦର୍ଶାଇ ଅଛନ୍ତି । ଯଥା:—

ବିଶ୍ୱେଶ୍ୱରୀ ଭଗବତୀ ବିଶ୍ୱ ସନ୍ତାନ ଓ ସନ୍ତତିଙ୍କ ପାଇଁ ବିଶ୍ୱଗୁରୁ ନାରାୟଣଙ୍କୁ ଆରତି ବାଦ୍ୟ ସ୍ତବ ଇତ୍ୟାଦି କରୁଅଛନ୍ତି ।

ପ୍ରଥମ ପଦରେ ଆକାଶକୁ ଇନ୍ଦ୍ରନୀଳମଣି ସ୍ଥାଳି କରି ତହିଁରେ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ କର୍ପୂରବର୍ତ୍ତି ରୂପେ ରଖି ତାରାମାନେ ଜ୍ଞାନ ଅଗ୍ନିର ଜ୍ୟୋତି ଶିଖାରୂପେ ଜଳାଉଛନ୍ତି କି ? । ୧ ।

Digitized by srujanika@gmail.com

ସୂର୍ଯ୍ୟ ତୋ କରେ ପ୍ରାଚୀ ବାରୁଣୀରେ
ଧନ୍ୟ ତୋ କର ଚାଳନା କୌଶଳ । ୨ ।

ପାରାବାର ଊର୍ମି ତାଳେ ତାଳେ ନାଚି
ଖଗେ ଯାଚେ ଯାଚେ ଗାନ୍ତି ଗୀତକ । ୩ ।

ଅନିଳ ଅନଳ ସଙ୍ଗେ ଋତୁ ଷଟ
ତାଳେ ତାଳେ ଚାମର ଢୁଳାନ୍ତିକ । ୪ ।

ମୌନ ବ୍ରତାଗ୍ରସ୍ତ ବେଶେ ବନଗିରି
ଅଗ୍ରତେ ଜାଗ୍ରତେ ରଚି ସ୍ତୁତିକ । ୫ ।

ଉପରି ଥିବା ସ୍ଥାଳକୁ ଧରି ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ହସ୍ତ ଚାଳନାରେ ଚଳାଇବାରୁ ସନ୍ଧ୍ୟାରେ ପଶ୍ଚିମାକାଶେ ବୁଡ଼ିଥିବା ସୂର୍ଯ୍ୟଙ୍କୁ ପ୍ରଭାତରେ ପୂର୍ବରେ ଦେଖାଇ ଦେଉଛନ୍ତି । ଏଣୁ ସେ ମା'ଙ୍କର କରଚାଳନା କୌଶଳକୁ ଧନ୍ୟବାଦ ବା ପ୍ରଶଂସା କରିବା ନ କରିବ । ୨ ।

ସବୁବେଳେ ଅରତ ଚଳାଇବାରୁ ସମୁଦ୍ରର ଲହରୀ ତାଳରେ ପକ୍ଷୀମାନଙ୍କର କଳରବକୁ ଶ୍ରୋତାଙ୍କ ନିକଟରେ ବାଦକ ଓ ଗାୟିକାରୂପେ ନିଯୁକ୍ତ କରାଇଛନ୍ତି କି ? । ୩ ।

ପବନ ସଞ୍ଚାଳନ ଅନଳ ଓ ଷଡ଼ଋତୁ ଛଅମୂର୍ତ୍ତି ଚାମରରୂପେ ସେବାରେ ନିଯୁକ୍ତ ଅଛନ୍ତି କି ? । ୪ ।

ବନ ଓ ପର୍ବତ ଏମାନେ ମୌନ ବ୍ରତାବଲମ୍ବୀ ହୋଇ ପ୍ରଭୁଙ୍କର ମହାମନ୍ତ୍ର ଜପୁଛନ୍ତି କି ? । ୫ ।

Digitized by srujanika@gmail.com

ଘ୍ରାଣରନ୍ଧ୍ରେ ସ୍ଥିର ନେଇ ଅଶ୍ରୁଧାର
ବାଉ ଶିଶିର ଜଳଦା ଝିଉକ । ୭ ।
ମାଅର ପଣନ୍ତ ତଳେ ସ୍ଥିତା ସ୍ଥିତ
ଭବ ନିରଂଜନ ଭବ ଗତକ । ୭ ।

ଦେବତାମାନେ ସେ ଅବତର ବାସ୍ତୁକୁ ଘ୍ରାଣରନ୍ଧ୍ରେ ନେଇ ଅନନ୍ଦାଶ୍ରୁଛଳେ ଜଳ, ବର୍ଷା ଓ ଶିଶିରକୁ ମର୍ତ୍ତ୍ୟକୁ ଦାନ କରୁଥିବାରୁ ନାନାଦ ଶସ୍ୟ ଓ ବୃକ୍ଷଲତା ପୁଷ୍ପ ଫଳରେ ପୂର୍ଣ୍ଣ ହୋଇ ପୃଥିବୀକୁ ଅନନ୍ଦ ଦେଉଛନ୍ତି । ୭ ।

ସେହି ମା'ଙ୍କର ଜ୍ଞାନପଣନ୍ତ ତଳର ଏ ବିଶ୍ୱସନ୍ତାନ ଓ ସନ୍ତତଗଣ ଅଟନ୍ତି । ଏଣୁ ଅମ୍ଭର ପିତା ପରମ ପୁରୁଷ ମାତା ଅଦ୍ୟାଶକ୍ତିଙ୍କୁ ବିନୀତ ନମସ୍କାର ପୂର୍ବକ ଭକ୍ତିହୃଦରେ ଶାନ୍ତାକର କରଯୋଡ଼ି ଅନ୍ତରେ ସଦ୍‌ଗତକୁ ପାଇବାପାଇଁ ନିରଞ୍ଜନ ପ୍ରାପ୍ତି ହୋଇଛୁ । ୭ ।

ସପ୍ତସତୀ ଚଣ୍ଡୀ

ଯା ଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା
ନମୋସ୍ତସ୍ୟୈ ନମୋସ୍ତସ୍ୟୈ ନମୋସ୍ତସ୍ୟୈ ନମୋନମଃ ।

ଯାଚଣ୍ଡୀ ମଧୁକୈଟଭାଦି ଦୈତ୍ୟଦଳନୀ ଯାମହିଷୋନ୍ମୂଳିନୀ
ଯାଧୂମ୍ରେକ୍ଷଣ ଚଣ୍ଡମୁଣ୍ଡମଥନୀ ଯାରକ୍ତ ବୀଜାଶିନୀ
ଶକ୍ତିଃ ଶୁମ୍ଭ ନିଶୁମ୍ଭ ଦୈତ୍ୟ ଦଳନୀ ଯାସିଦ୍ଧିଲକ୍ଷ୍ମୀପରା
ସାଦେବୀ ନବକୋଟିମୂର୍ତ୍ତିସହିତା ମାଂ ପାତୁ ବିଶ୍ୱେଶ୍ୱରୀ ।।

Digitized by srujanika@gmail.com

(ଚ)

ରାଗ—ଗୈରୁଣୀ ଓ ଛେକାନୁପ୍ରାସ

ରଷିଙ୍କ ବବୁଦ୍ଧ ଜଡ଼ ବୁଦ୍ଧିରେ କଳ୍ମିଷ ଶୋଚ
ଜାଣି ନାରାୟଣୀ ପଦେ ଶରଣ ରଚ,
ବବସ୍ତ୍ର ରସେ ନାଗ୍ବଚ ମାର ଦୈତ୍ୟ ଯୋଗ୍ନୀ ନାଚ
ବଳି ବଳି ଧ୍ୱଂସାପାଚ ନ ହୁଅ ନିଚ ।
କବି ଧନମଣି ଏ ଭାଚ,
ଚଳନା କାଞ୍ଚନ ସଙ୍ଗେ ତୁଳା କାଉଁଚ । ୧ ।

ଜଡ଼ ବୁଦ୍ଧିରେ ପ୍ରବୀଣ ଓ ରଷିବରୁଦ୍ଧ ପାପୀ ପାପନାଶିନୀ ଶୌଚକାରିଣୀ ନାରାୟଣୀଙ୍କ ପଦାବ୍ଜରେ ଶରଣ ପଶନ୍ତୁ । ଯେଉଁ ଅଦ୍ୟାଶକ୍ତି ବବସ୍ତ୍ର ରସର ମୂର୍ତ୍ତି ହୋଇ ଦୈତ୍ୟବଂଶ ମୂଳୋତ୍ପାଟନ କରି ଯୋଗ୍ନୀମାନଙ୍କ ନଗ୍ନରେ ପୃଥିବୀର ଦୁଃଖକୁ ଘୁଞ୍ଚାଇ ଦେଇଥିଲେ । ଏହା ବଡ଼ ବଡ଼ କବିଙ୍କ ସୂକ୍ତ ଲେଖନୀ ମଣ୍ଡିତ ହୋଇ ରହିଛି । ତାହା ସଂସ୍କୃତ ଓ ପୁରାଣ ନାଟକ ଆକାରରେ ଲେଖା ହୋଇଥିଲେ ମଧ୍ୟ ମୁଁ ଅତି ସାମାନ୍ୟ କ୍ଷୁଦ୍ରମତରେ ସେହି ମା'ଙ୍କ ପଦରେ ଭକ୍ତି ପୁଷ୍ପାଞ୍ଜଳି ଦେବାକୁ ଛେକାନୁପ୍ରାସ ଯୋଗକରି ଉପରୋକ୍ତ ଶୁଦ୍ରମୁନି ଶାରଳାଦାସଙ୍କ ଚଣ୍ଡୀପୁରାଣ ରୂପକ ସ୍ୱର୍ଣ୍ଣକୁ ଗୋଟିଏ ପାଖେ ଓ ଅନ୍ୟ ପାଖରେ ରଚନା ରୂପକ କାଉଁଚକୁ ଥୋଇ ବଣିକ ତୁଳରେ ତୁଳିଲି ପରି ମୁଁ ଏହି କାଚ ଓ କାଞ୍ଚନକୁ ଯୋଗ କରାଇବାକୁ ସେହିପରି ପ୍ରବୃତ୍ତି ହୋଇଅଛି । ୧ ।

କାଚ କାଞ୍ଚନ ସଂସର୍ଗାତ୍ ଧତ୍ତେମାରକତଦ୍ୟୁତ
ତଥା ଶତ୍ ସନ୍ନିଧାନେ ନ ମୂର୍ଖୋଯାତ୍ତି ପ୍ରବୀଣତାମ୍ ।
(ହିତୋପଦେଶେ)

Digitized by srujanika@gmail.com

(ଶ୍ରୀ)

ମହିଷା ମହା ଦଗଣ୍ଡି ଅମରେ ଅସୁର ମଣ୍ଡି
ଗଳେ ଲମ୍ବାଇଲେ ଧଣ୍ଡି ଦେବଙ୍କ ଦଣ୍ଡି,
କ୍ଷୀରାବ୍ଧିକୂଳେ ଶିଖଣ୍ଡୀ ପୃଚ୍ଛେ ଦେବେ ହୋଇ ପେଣ୍ଡି
ବାଣି ବାଣୀଜାନୁମଣ୍ଡି ଋପଦ ଦାଣ୍ଡି ।
ବେଦବର ବରକୁ ଭଣ୍ଡି,
ସୁରଶୋକ କୋପାନଳୁ ପ୍ରକାଶ ଚଣ୍ଡୀ । ୨ ।

ମହିଷା ନାମକ ରାକ୍ଷସରାଜ ବ୍ରହ୍ମାଙ୍କଠାରୁ ବରପାଇ ସମସ୍ତ ପୃଥିବୀ ଜୟକରି ତାର ରାକ୍ଷସସୈନ୍ୟମାନଙ୍କ ସଙ୍ଗରେ ନେଇ ସ୍ୱର୍ଗ ଅଭିମୁଖରେ ଯାତ୍ରା କରି ଦେବତାମାନଙ୍କୁ ବହୁ ଦୁଃଖ ଦେଇ ଏବଂ ଇନ୍ଦ୍ର ଆସନରେ ଚଣ୍ଡମୁଣ୍ଡଙ୍କୁ ବସାଇ ଦେବତାଙ୍କୁ ସ୍ୱର୍ଗରୁ ବିତାଡ଼ିତ କରି ଚଣ୍ଡମୁଣ୍ଡଙ୍କ ଗଳାରେ ଦେବଯୋଗ୍ୟ ପାରିଜାତମାଳ ଲମ୍ବାଇବାରୁ ଦେବତାମାନେ ଭୟରେ ସ୍ୱର୍ଗରୁ ପଳାଇଯାଇ କ୍ଷୀରସମୁଦ୍ର ତୀରରେ ନାରାୟଣଙ୍କୁ ଜଣାଇବାବେଳେ ଶ୍ରୀମନ୍ ନାରାୟଣ ସରସ୍ୱତୀଙ୍କ ଜାନୁମାଣ୍ଡିରେ ଶିର ଦେଇ ଯୋଗନିଦ୍ରାରେ ଅଭିଭୂତ ହୋଇଥିବା ବିଷୟ ବ୍ରହ୍ମା ଯୋଗବଳରେ ଜାଣିପାରି ସ୍ତୋତ୍ରପାଠ କରିବାକୁ ଲାଗିଲେ ଏବଂ ସମସ୍ତ ଦେବତାଙ୍କର କୋପ ସମୂହ ଏକତ୍ରିତ ହୋଇ କ୍ଷୀରସମୁଦ୍ର ମଧ୍ୟରୁ ଏକ ଚଣ୍ଡୀମୂର୍ତ୍ତୀ ଧାରଣକରି ଦେବତାମାନଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ୨ ।

Digitized by srujanika@gmail.com

(ଜ)

ଦେଖି ସେ ମୋହିନୀ ତେଜ ଜଳରାଜ, ଯକ୍ଷରାଜ,
ଦେବ, ନାଗରାଜ ସ୍ତୋତ୍ର ଯୋଡ଼ି କରିବ୍ରଜ,
ବଦନ୍ତି ତୁମ୍ଭ ଅଧୈର୍ଯ୍ୟ ଯେ ଯାହାର ଶସ୍ତ୍ର ସଜ
ଦେଇ ଅମର ମୋ ଭୁଜ-ବ୍ୟାଜକୁ ତେଜ ।
ରଘୁ ବଂଶ କପିଳାତ୍ମଜ,
ମାରିବାକୁ ବାମା ବେଶେ ଯୋଗ୍ନୀଙ୍କି ସାଜ । ୩ ।

ସମଗ୍ର ଅମରମଣ୍ଡଳୀ ସେହି ଅପୂର୍ବ ମୋହିନୀ ମୂର୍ତ୍ତି ଦର୍ଶନ କରି ସ୍ତବ ସ୍ତୋତ୍ର ପାଠ କରି ଦେବୀଙ୍କୁ ସନ୍ତୋଷ କଲେ ।

ବରୁଣ, କୁବେର, ଇନ୍ଦ୍ର ଓ ବାସୁକି ନମସ୍କାର ପୂର୍ବକ ନିବେଦନ କରିବାରୁ ତହୁଁ ଦେବୀ ସେମାନଙ୍କୁ ଏହି ଆଦେଶ କଲେ କି ତୁମ୍ଭେମାନେ ତୁମ୍ଭମାନଙ୍କର ଅସ୍ତ୍ର ସମସ୍ତ ମୋତେ ଅର୍ପଣ କରି ନିର୍ଭୟରେ ରୁହ । ମୁଁ ରଘୁବଂଶରେ ଜନ୍ମ ହୋଇଥିବା କପିଳସେନ ପୁତ୍ର ମହିଷାକୁ ବିନାଶ କରିବାକୁ ଚାହାଉଛି । ମୁଁ ତୁମ୍ଭମାନଙ୍କୁ ସ୍ମରଣ କରିବା ମାତ୍ରେ ତୁମ୍ଭେମାନେ କାଳବିଳମ୍ବ ନକରି ଛଦ୍ମରେ ଯୋଗ୍ନୀବେଶ ଧାରଣ କରି ସମର କ୍ଷେତ୍ରରେ ଉପସ୍ଥିତ ହେବ । ୩ ।

(ଶ୍ଲୋକଃ)

ବିଦ୍ୟୁଦ୍ଦାମ ସମ ପ୍ରଭାଂ ମୃଗପତି ସ୍କନ୍ଧ ସ୍ଥିତାଂ ଭୀଷଣାମ୍
କନ୍ୟାଭିଃ କରବାଳ ଖେଟ ବିଲସଦ୍ଧସ୍ତାଭିରା ସେବିତାମ୍ ,
ହସ୍ତୈଶ୍ଚକ୍ର ଦରାସି ଖେଟବିଶିଖାଂ ଶ୍ଚାପଂ ବୃହତର୍ଜ୍ଜନମ୍
ବିଭ୍ରାଣାଂ ମନଳାତ୍ମିକାଂ ଶଶିଧରାଂ ଦୁର୍ଗାଂ ତ୍ରିନେତ୍ରାଂ ଭଜେତ୍ ।

(ଚଣ୍ଡୀ)

Digitized by srujanika@gmail.com

(ଗ)

ନାରାୟଣ ମୃଗେ ଯୋଗ   ରୁଦ୍ର ରଦରେ ସଂଯୋଗ
ଅନଳ ଦୃଗ ଶ୍ରୁତ ସ୍ତନେ ଅଧତ୍ୟ ଯୁଗ,
କାଲରେଣ କେଶ ପାଗ   ସମବର୍ତ୍ତୀ ଗଣ୍ଡ ନାଗ
ପଦନଖ ଦଗ ଅଧିପତ ସର୍ବାଙ୍ଗ ।
ଜିଦରେ ବଗ୍ରହ ଜଦ୍ବେଗ,
ତାରବାକୁ ଧର ଝଙ୍କେ ରତନ ନଗ । ୪ ।

ଶ୍ରୀମନ୍ ନାରାୟଣଙ୍କ ତେଜାଗ୍ନିରୁ ମୃଗ, ଶିବଙ୍କ ତେଜରୁ ଦନ୍ତପନ୍ତି, ଅଗ୍ନିଙ୍କର ତେଜରୁ ନେତ୍ର, ସୂର୍ଯ୍ୟଙ୍କ ତେଜାଗ୍ନିରୁ କର୍ଣ୍ଣ ଓ ସ୍ତନ, କୁବେରଙ୍କ ତେଜାଗ୍ନିରୁ କେଶପାଶ, ଯମ ଓ ବାୟୁଙ୍କର ତେଜାଗ୍ନିରୁ ଗଣ୍ଡଦ୍ୱୟ ଓ ପଦନଖମାନଙ୍କରେ ଦକ୍‌ପତିମାନେ ଅଶ୍ରୟ ନେଲେ । ଏହିପରି ସର୍ବ ତେଜାଗ୍ନି ବ୍ୟାପକ ମୂର୍ତ୍ତିଧାରଣକର ଧରଣୀକୁ ଉଦ୍ଧାର କରିବା ନିମିତ୍ତ ମେରୁପର୍ବତକୁ ବଜୟ କରିବାକୁ ଉଦ୍‌ବେଗ ହେଲେ । ୪ ।

(ନଗ) ଭୁଜଙ୍ଗେ ପନ୍ନଗେ ଶିଉ୍‌ଗେ
ଶୈଳ ବୃକ୍ଷୋ ନଗା ବଗୌ (ଇତ୍ୟମରଃ)

Digitized by srujanika@gmail.com

(୭)

ସିଂହଳ ଦ୍ୱୀପ ଅବୃତ ରମ୍ୟ ମେରୁ ପରବତ
ଲକ୍ଷ୍ମୀଭଦ୍ରା ସରସ୍ୱତୀ ନଦୀ ଶୋଭିତ,
ସ୍ୱର୍ଣ୍ଣପଦ୍ମ ପାଦୁଁ ଜାତ ସ୍ରୋତେ ଗମ୍ଁ ଚଣ୍ଡ ଦୈତ୍ୟ
ଭାଗିନେ ମୁଣ୍ଡ ସଙ୍ଗତ ଦେଖି ଉଦ୍ଭବତ ।
ଶୋଭା ସୃଷ୍ଟି ଦୃଷ୍ଟି ପତତ,
ହର୍ଷ ରସ ବୃଷ୍ଟିରେ ବଚନ ବ୍ୟକତ । ୭ ।

ସିଂହଳଦ୍ୱୀପକୁ ବେଷ୍ଟିତ ହୋଇଥିବା ମେରୁପର୍ବତରୁ ଲକ୍ଷ୍ମୀଭଦ୍ରା ଓ ସରସ୍ୱତୀ ନାମକ ନଦୀ ଝରଣାଆକାରରେ ବହି ଅସୁଅଛି । ଅଦ୍ୟାଶକ୍ତି ତାଙ୍କ ପଦରୁ ସ୍ୱର୍ଣ୍ଣପଦ୍ମକୁ ଜନ୍ମାଇ ସେହି ସ୍ରୋତରେ ଭସାଇ ଦେଉଛନ୍ତି । ଏଣେ ସ୍ୱର୍ଗ ସମ୍ପତ୍ତିକୁ ପାଇ ଚଣ୍ଡ ମୁଣ୍ଡ ରାକ୍ଷସ ଦୁହେଁ ଦେବତାଙ୍କୁ ଖୋଜିବା ଉଦ୍ଦେଶ୍ୟରେ ବନରେ ଭ୍ରମୁଁ ଭ୍ରମୁଁ ଏକପରେ ଏକ ସୁନାପଦ୍ମମାନ ଭାସି ଅସୁଥିବାର ଦେଖି ସେହି ଅଡ଼କୁ ଅଗ୍ରସର ହୋଇ ମେରୁ ପର୍ବତ ନିକଟରେ ପହଞ୍ଚି ମୋହିନୀମୂର୍ତ୍ତିଙ୍କୁ ଦେଖିବା ମାତ୍ରେ ଆନନ୍ଦର ସୀମା ରହିଲା ନାହିଁ । ମହିଷା ଯେତେବେଳେ ଚଣ୍ଡ ମୁଣ୍ଡକୁ ସ୍ୱର୍ଗରେ ଅଧିକାରୀ କଲେ, ସେତେବେଳେ କହିଥିଲେ କି ଦେବତାମାନେ କେଉଁ ସ୍ଥାନରେ କାହାର ସାହାଯ୍ୟ ନେଉଛନ୍ତି ତାହାର ବିବରଣମାନ ତୁମ୍ଭେ ମୋତେ ଜଣାଇବ । ସେଥିନିମନ୍ତେ ସେ ଉଭୟେ ବନଭ୍ରମଣରେ ଦେବତାଙ୍କ ସନ୍ଧାନ ନେବାକୁ ଯାଇଁ ଅପୂର୍ବ ମୋହିନୀ ମୂର୍ତ୍ତି ଦର୍ଶନ କରି ପରସ୍ପରେ ଜ୍ଞାନଶୂନ୍ୟ ଅବସ୍ଥା ପ୍ରାପ୍ତ ହୋଇଗଲେ । ୭ ।

Digitized by srujanika@gmail.com

(ଲଗାଣ ଚୌପଦ, ଝମ୍ପା—ଉଠାଳ)

ରମଣୀ ଶିରୋମଣି ହେବ କା ଗଳାହାର ଏ । ପଦ ।

ଶମ୍ଭୁସୁତା ଜମ୍ବୁ— କଣ୍ଠି ଜମ୍ବୁନଦ
ଜିତ ଅଙ୍ଗଛବି ଦେଖି ଅଙ୍ଗୀର
ଅଧ ଉପାଙ୍ଗୁଷ୍ଠ କାମେ ହେବେ ଘାର
ଧୈର୍ଯ୍ୟ ଧରବ କେ ତରୁଣୀକୁଳ । ୧ ।
କୁଟିଳ କୁନ୍ତଳା କାମ ପୂର୍ଣ୍ଣକଳା
ଗୃହୁଣୀଲା ଡୋଳା ଖେଳା ସୁନ୍ଦର
ଏଣୀକ୍ଷଣୀ ସଙ୍ଗେ ସଙ୍ଗ ହେଲକ୍ଷଣି
କ୍ଷଣକେ କ୍ଷଣଦା ଭୁଅନ୍ତା ଦୂର । ୨ ।
କ୍ଷମା ମାଗି ତାର ସଙ୍କାନ୍ତ କବର
ବରତନ ଧନ ରତନ ସାର
ପଦର ବୟସୀ ମଦର ଜରଜା
ମଦାର ଅଧସ୍ତ ରସେ କାବର । ୩ ।
ସତ୍ୟବାଦୀ ଭୂପ ନୁଅ ନାଗସ୍ତଣ
ଯାନ୍ତ୍ର ପଲ୍ଙ୍କେ ଏ ବସିବ ପାର
ଧନ୍ୟ ଭାଗ୍ୟ ତାର ଭରଜ ସଙ୍କର
ଶିରେ ଚଢ଼ାଇବ ପାଣି ମାଲ୍ୟର । ୪ ।

(ନୟାଗଡ଼ – ଶ୍ରୀ ସତ୍ୟବାଦୀ ଶତପଥୀ)

(ଶ୍ଳୋକଃ)

ଶ୍ୟାମାମୃଗାକ୍ଷୀ କୁଚ ମଧ୍ୟଯୁକ୍ତା, ଗମ୍ଭୀରନାଭି ସମଦନ୍ତପଙ୍କ୍ତି
କୁଞ୍ଚିତକେଶୀ ଶୁଣିଲା ଯୁବତୀ, ଅସଂ ବଦାହେ ଯଦ୍ଧ ଘ୍ରାନଜାତ ।

Digitized by srujanika@gmail.com

(ତ)

ପରସ୍ପର ହାର ଚେତା ବୋଇଲେ ଶୁଣ ପଣ୍ଡିତା
ଭ୍ରମ ଛମା ନିବାସିତା କାହା ଦୁହିତା,
ଧରଣୀର ସୁନାଶତା ଧର ମନରେ କି ଚିନ୍ତା
ବରକର ସ୍ପର୍ଶେ ବର ବର୍ତ୍ତୁ ବିଧାତା ।
ବୋଧେ ଅଣାକାର ମୋ ପିତା,
ସ୍ୱାମୀ ପରମ ଦୈବତ ଦହନ୍ତ ମାତା । ୭ ।

(ର)

ପତିଙ୍କ ପ୍ରତାପେ ଡର ପଶିଛୁ ଏ ବନଗିର
ତେଜିଛୁ ଅଚଳ ଶିସ୍ତ୍ର ଦର୍ମ ଅଦର,
ବନାନଳ ଜନବାର ମନାନଳେ ମନ ଘାର
ଜୀବଗଲ୍ପ ନୋହିଲି ମୁଁ କା ମନୋହାରୀ ।

ଦୁଇ ବୀର ଚେତାଶୂନ୍ୟ ହୋଇ ସୁନ୍ଦା ତାହାଙ୍କୁ ପଚ୍ଚରିଲେ ତୁମ୍ଭେ ଏପରି ଯୌବନ ଅବସ୍ଥାରେ ଏକାକିନୀ ହୋଇ ବାସ ତ୍ୟାଗ କରି ନିବିଡ଼ ଜଙ୍ଗଲ ପୂର୍ଣ୍ଣ ପର୍ବତର ଆଶ୍ରୟ ନେଇଛ କିଅଣା ଭ୍ରମ ହୋଇକରି କାହା ସଙ୍ଗରେ ଯାଇ ନ ପାରି ରହି ଯାଇଛ କି ? ତୁମ୍ଭେ କାହାର କନ୍ୟା, ତୁମ୍ଭର ପିତା ମାତାଙ୍କ ନାମ କଣ ? ସମସ୍ତ ବିଷୟ କହି ଅମ୍ଭମାନଙ୍କର ମନରୁ ସନ୍ଦେହ ମୋଚନ କର । ଏହା ଶୁଣି ଦେବୀ କହିଲେ, ହେ ବୀର ! ଅଣାକାର ମୋର ଜନକ, ମାତା ମୋର ପୃଥ୍ୱୀ ଦେବୀ ଏବଂ ମୋର ସ୍ୱାମୀ ପରମ ପୁରୁଷ ଅଟନ୍ତି । ୭ ।

ହେ ବୀର ! ମୋର ସ୍ୱାମୀ ମହା ପ୍ରତାପି ଅଟନ୍ତି । ତେଣୁ ଭୟରେ ତାଙ୍କ ପ୍ରତାପକୁ ସହି ନପାରି ଅଚଳାଚଳ ସମ୍ମତକୁ ତୁଚ୍ଛ ମନେକରି ଧର୍ମକୁ ଅଦର ଏହି ପର୍ବତ ଓ ଜନଶୂନ୍ୟ ଜଙ୍ଗଲରେ

Digitized by srujanika@gmail.com

ଅଣା ମନ୍ତ୍ରୀ ମହିଷା ଭର,
ପଜିବନ ଧନ ଦାନେ ଅଣ୍ଡସ୍ୱ ଗିର ।୭।

(ଣି)

ଚଣ୍ଡ ମୁଣ୍ଡ ବାଣୀ ଭଣି ଅମ୍ଭରେ ନୋହିବା କଣି
ହେବ ଅମ୍ଭ ରାଜରାଣୀ ଗୋ ଠାକୁରାଣୀ,
ବେଜାକଣ୍ଠେ ଭର ପାଣି ଅପ ସଙ୍ଗେ ସାମନ୍ତାଣୀ
ତବ ହାସ କ୍ରମୁଦକ୍ର ସେ ଜଣାମଣି ।

ଅସି ରହିଛୁ । କନ୍ତୁ ପ୍ରବାଦ ଅଛି ବନରେ ଅଗ୍ନି ଜଳିଲେ ସମସ୍ତେ ଜାଣନ୍ତି, କନ୍ତୁ ମନରେ ଅଗ୍ନି ଜଳିଲେ ତାହା ନିଜେ ଜାଣନ୍ତି । ଅନ୍ୟ କେହି ଜାଣିପାରନ୍ତି ନାହିଁ ।

ହେ ବୀର ! ମହିଷା ରାଜାଙ୍କୁ ଅଣ୍ଡସ୍ୱ କର ଏ ଯୌବନ ଦାନ ଦେବ ବୋଲି ଏ ପର୍ବତରେ ଅସି ରହିଛୁ ।୭।

ସହ ଗଗନ ବିହାର କଲ୍ମଷ ଧ୍ୱଂସକାସ୍ତ
ଦଶ ଶତ କର ଧାର ଜୋତଷାଂ ମଧ୍ୟ ଗ୍ରହ ।
ବଧୁଃ ଅପି ବିଧି ଯୋଗାତ୍ ଗ୍ରସ୍ୟତେ ରାହୁଣାସୌ
ଲିଖିତ ମପି ଲଲାଟେ ପ୍ରୋଝିତୁଂ କଃ ସମର୍ଥଃ ॥
(ହିତୋପଦେଶେ)

ଚଣ୍ଡ ମୁଣ୍ଡ ଦେବୀଙ୍କର କଥା ଶୁଣି ହୃଦୟରେ ବିଗ୍ରହିଲେ କି ଅମ୍ଭମାନଙ୍କର ଅଶା ବ୍ୟର୍ଥ ହେଲା । ଏଣୁ ଉଭୟେ ଉଭୟଙ୍କ କର୍ଣ୍ଣରେ ହସ୍ତ ଦେଇ ବେଜି କରକୁ ଯୋଡ଼ି କ୍ଷମାଭିକ୍ଷା କଲେ । ପୁନରାୟ କହିଲେ କି ତୁମ୍ଭେ ଅମ୍ଭର ରାଜ-ପାଟମହିଷୀ ହେବ । ଅମ୍ଭର ମା ଓ ସାମନ୍ତାଣୀ ହେବ । ତେବେ ନିର୍ଭୟରେ ଅମ୍ଭ ସଙ୍ଗରେ ବିଜେକଲେ ଅମ୍ଭେ ମହିଷାରାଜାଙ୍କ ନିକଟରେ ଅପଣଙ୍କୁ ଛାଡ଼ିଦେବୁ ।
ଏହାଶୁଣି ଦେବୀ କହିଲେ—ନା, ଯଦି ତୁମ୍ଭେ ତାଙ୍କର ସେନାପତି

Digitized by srujanika@gmail.com

ଋଣୀ ତାଙ୍କ ପାଖରେ ଅଛି,
ବୀରବର ଉପକାର ଥିବ ଧରଣୀ । ୮ ।
(ଦେବ)

ବାହୁଡ଼ା ବିଜୟ ପଦେ   ଚଣ୍ଡ ଦୈତ୍ୟ ରାଜ ପଦେ
ପ୍ରଣମି ଚପଳେ ବଦେ ପ୍ରେମ ଗଦ୍‌ଗଦେ,
ରତ୍ନଗିରି ରତ୍ନ ଉଦେ   ଶୋ-ବଷ ମାଳ ସଂଗ୍ରହେ
ସ୍ୱର୍ଣ୍ଣଦୀରେ ସ୍ୱର୍ଣ୍ଣପଦ୍ମ ଭାସେ ବିଷାଦେ,
ଛବ ନେଖାଦତ୍ୟକୁ ବଦେ ।
ନର ନାଗ ସୁରବାମା ନଖେ କି ଯେବେ । ୯ ।

ତେବେ ମୋର ନିଷ୍ଠା ବ୍ରତରେ ବାଧା ଦଅନା । ତୁମ୍ଭେମାନେ ଏଠାରୁ ଯାଇ ମହିଷାସୁରଙ୍କୁ ମୋର ବିବରଣମାନ କହି ଯଦି ମୋ ନିକଟକୁ ତାଙ୍କୁ ବିଜେ କରାଇ ପାରିବ ତେବେ ତୁମ୍ଭଙ୍କୁ ଅଶେଷ ଧନ୍ୟବାଦ ଦେବି ଓ ତୁମ୍ଭ ଉପକାରରେ ମୁଁ ଋଣୀ ରହିବି । ୮ ।

ଚଣ୍ଡ ମୁଣ୍ଡ ଉଭୟେ ପଦଗାମି ହୋଇ ମାୟା କାୟାରେ ପବନ ସଙ୍ଗରେ ଗତିକରି ମହିଷା ନିକଟରେ ପହଞ୍ଚି ତାର ପଦରେ ପ୍ରଣାମ କରନ୍ତେ ସେ ଦେବତାଙ୍କ ସମ୍ବାଦ ପଚାରିବାକୁ ଉଦ୍ୟତ ହୁଅନ୍ତେ ଚଣ୍ଡ ମୁଣ୍ଡ ଏକସଙ୍ଗେ କହିବାକୁ ଲାଗିଲେ ରତ୍ନଗିରି ବା ମେରୁ-ପର୍ବତରେ ଅମୂଲ୍ୟ ରତ୍ନହାର ଆପଣଙ୍କ ବକ୍ଷକୁ ଅପେକ୍ଷା କରୁଅଛି । ସେ ଏପରି ସୁନ୍ଦରୀ ଯେ ତାର ପଦରୁ ସ୍ୱର୍ଣ୍ଣପଦ୍ମମାନ ଜାତହୋଇ ନଦୀସ୍ରୋତରେ ଭାସି ଯାଉଛି । ଏପରି କି ତାର ପଦନଖର ଶୋଭାକୁ ମଧ୍ୟ ତ୍ରିଭୁବନର ବାମାମାନେ ସମାନ ହେବେ ନାହିଁ । ୯ ।

ମଗଧେ ମୈଥିଳେ   ଅଙ୍ଗେ ବଙ୍ଗେ ପୁଣି
ଦେଖିଛୁ ଯେତେକ ସୁନ୍ଦରୀ
ଏ ଯୋଷା ଚରଣ   ଘଷା ପଥରକୁ
କେହି ତ ନୋହିବେ ସରି । (ରାଧାନାଥ)

Digitized by srujanika@gmail.com

ଉପମା—(ଦ୍ୱନ୍ଦାଦ୍ୟ ଯମକ)

ରାଗ—କାମୋଦ

ନାଗ ରମଣୀଗଣ ନାଗରମଣୀ ଗଣ ନାନୋଦ୍ଧ ଦେବଗଣ ପୂଜବେ,
ସଦାଶିବ ଗଜସ୍ୱ ସଦାଶିବ ଗଜର ଦେଖିଲଷଣି ଚେକ୍କ ଦେବେ ।
ଶଣ ଦୃଶୀ, ଉର୍ବଶୀ ଉର୍ବବକ୍ଷ କି ।
ତିଲୋତ୍ତମା ତିଲୋତ୍ତମା କି,
କଳାକର ସୁନ୍ଦର କଳାକର ସୁନ୍ଦର ପାଉଛି ଶ୍ରୀମୁଖ ବଳ୍କେ ସେ ।

(ବଦଗ୍ଧ ଚିନ୍ତାମଣୀ)

କଳାକରତ କଳାକରେ ବହୁଲ ମୃଗକୁ ନୋହୁ ତୁଳନା,
ଏପାଇରେ ତପ କରୁଛି ଗଙ୍ଗା ତଟେ ହରକଣ୍ଠା ବନେ ଅନା ।

(ଗୋପାଳକୃଷ୍ଣ)

ହୀର ନୀଳା ମୁକୁତା ମାଣିକ୍ୟ ଜନ୍ଦ୍ରମର,
ମୂଲ୍ୟ ଅଛୁ ମୂଲ୍ୟ ନାହିଁ ନାସ୍ୱ ରତନର ।

(କବି ସମ୍ରାଟ)

ଅନ ନାସ୍ୱ ପିନା ମର୍ତ୍ତ୍ୟର ତଟିନୀ ଏ ଯେ ମନ୍ଦାକିନୀ ଧାର,
ଅନ ନାସ୍ୱ ଯେତେ ମର୍ତ୍ତ୍ୟର ସୁମନ ଏ ଯେ ଗଗନର ତାର ।

(ରାଧାନାଥ)

ବଲଶୋଭ ଶୋଭ ବଲ ବଲ କଲହେବ କି ତା କଲ କଲ,
ଅଳକ ନମାନ ଦେଖିଛୁ ନସ୍ୱନ
ପଦ୍ମମଣି କରେ ଅଳ ଅଳ ସେ ।
ମୃଗ ଦୃଷ୍ଟି,
ସ୍ୱର୍ଗୀସ୍ୱ ସୁଷମା କରେ ବୃଷ୍ଟି ।

(ଗୋଲୋକଚନ୍ଦ୍ର ପ୍ରଧାନ)

Digitized by srujanika@gmail.com

(ଗ)

ମଞ୍ଜୁଷା ମନ କପୀଶ ନାଗସ୍ରକ ନାଗପାଶ
ସୁନାଶୀର ପରବଶ ଲଭି ସନ୍ତୋଷ,
ସାଜ ବାସ ଫରମାସ ବିବିଧ ବାଜଣାଘୋଷ
ନୋହୁ ବଶ ଧରି କେଶ ଗମେ ସ୍ୱବେଶ ।
ଅସ ଦଣ୍ଡଧର ଆଦେଶ,
ବଶ ହେଲେ ତବ ରୂପେ ହାଦୋଳେ ବସ । ୧୦ ।

ମଞ୍ଜୁଷାରାଜାଙ୍କର ମନ କପିଶ୍ରେଷ୍ଠ ହନୁମାନ ପରି ହେଲା । ସେ
(ଶ୍ଳୋକ) ହତୋ ହନୁମତା ରାମଃ ସୀତା ହର୍ଷ ମୁପାଗତାଃ
ରୁଦନ୍ତି ରାକ୍ଷସାଂ ସର୍ବେ ହା ହା ରାମଃ ହତୋ ହତଃ ।
(ବିଦଗ୍ଧ ମୁଖମଣ୍ଡନ)

ହନୁମାନ ସୁନାଶିର ପରି ଯେ ଇନ୍ଦ୍ରଜିତର ନାଗପାଶରେ ବନ୍ଧନ ହୋଇଥିଲା । ଏ ମଞ୍ଜୁଷାର ମନରୂପକ ହନୁମାନ ଉତ୍ତମ ନାସିକା ସୁନ୍ଦରୀ ଉପରେ ବଶୀଭୂତ ହୋଇ ଚଣ୍ଡମୁଣ୍ଡଙ୍କୁ ବହୁତ ନାସ୍ରସାଜ ଓ ବିବିଧ ବସ୍ତ୍ରାଲଙ୍କାର ଦେଇ ଏକ ହାଦୋଳା ଏବଂ ବହୁପ୍ରକାର ବାଦ୍ୟକାରଙ୍କ ସଙ୍ଗରେ ପଠାଇ କହିଲା ଏଥିରେ ସେ ନିଶ୍ଚୟ ବଶୀଭୂତ ହୋଇ ଆସିବ । ଯଦି ନ ଆସେ ତେବେ ତାହାର କେଶ ଧରି ବଳାତ୍କାରେ ଘେନିଅସ । ଏଣୁ ଚଣ୍ଡ ମୁଣ୍ଡ ସୈନ୍ୟ ଓ ନୃପ ପ୍ରଦତ୍ତ ପଦାର୍ଥମାନ ଦେଖାଇ କହିଲେ କି ଆମ୍ଭ କଥାରେ ରାଜା ତୁମ୍ଭ ଉପରେ ବଶୀଭୂତ ହୋଇ ଏହି ହାଦୋଳାକୁ ପଠାଇଲେ ବିଜେ କରନ୍ତୁ । ଆମ୍ଭେ ତାଙ୍କ ନିକଟକୁ ଘେନିଯିବୁ । ୧୦ ।

Digitized by srujanika@gmail.com

(ସ)

ବୃଥା କଥାକୁ ଜଳପ୍ତ ନ ଦେଖିଲେ ଦେବଦର୍ପ
ନ ଭୁଲେ ମନ ସନ୍ତାପ୍ତ ମାର ପ୍ରକୋପ୍ତ,
ବଳାତ୍କାରେ କେଶ ଟାଣ୍ଣ ଯୋଗ୍ନୀ ଜାତ ଦେବୀ କୋପ୍ତ
ନାଶିଲେ ସମରେ ରିପୁ ବଳ ଅମାପୁ ।
କୋପାନଳେ ଭସ୍ମ ସ୍ୱ ବପୁ,
ଯୋଗ୍ନୀ ଗର୍ବ ଶାନ୍ତ ହେବ ଏ ଜମ୍ବୁଦ୍ୱୀପ୍ତ । ୧୧ ।

(ର)

ଦିବାବସାନେ ଅସୁର ବାତୁଳ ତୁଲ ଅତୁର
ଶୁମ୍ଭ ନିଶୁମ୍ଭ ଉଭର ବେକ୍ଷେ କାତର,

ଦେବୀ କହିଲେ, ହେ ଚଣ୍ଡ ମୁଣ୍ଡ ସେନାପତିଗଣ ! ତୁମ୍ଭେମାନେ ମହିଷା ରାଜାଙ୍କୁ ମୋ ନିକଟକୁ ନ ଆଣି ଏ ବସ୍ତ୍ରାଳଙ୍କାର ଦେଖାଇ ପ୍ରଲୋଭନୀୟ ବୃଥା କଥା କହିବାର ଲଭ ବା କଅଣ ? ଦେବ-ଦର୍ପ ଦଳନକାରୀ ମହିଷାସୁରକୁ ନ ଦେଖିଲେ ମୁଁ ଅନ୍ୟ କାହାର ସଙ୍ଗରେ କେବେହେଲେ ଯାଇ ନ ପାରେ; ଏହାହିଁ ମୋର ନିଷ୍ଠସ୍ତ କାମନା । ଏହିକଥା ଚଣ୍ଡାଦି ସୈନ୍ୟମାନେ ଶୁଣି ବଳାତ୍କାର ପୂର୍ବକ ଦେବୀଙ୍କ କେଶ ଅକର୍ଷଣ କରିବାକୁ ଯିବାରୁ ଦେବୀଙ୍କ କୋପାନଳରୁ ଦେବତାମାନେ ଯୋଗ୍ନୀରୂପ ହୋଇ ତତ୍‌କ୍ଷଣାତ୍ ରାକ୍ଷସସୈନ୍ୟମାନଙ୍କୁ ବିନାଶ କରିବା ସଙ୍ଗେ ସଙ୍ଗେ ଚଣ୍ଡ ଓ ମୁଣ୍ଡ ଦୁଇ ରାକ୍ଷସ ସେନାପତିଙ୍କୁ ମଧ୍ୟ ନିପାତ କଲେ । ୧୧ ।

ଦିବା ଅବସାନ ବା ସନ୍ଧ୍ୟା ହୋଇଗଲାଣି । ଏପର୍ଯ୍ୟନ୍ତ ଚଣ୍ଡ ମୁଣ୍ଡ ନ ଅସିବାରୁ ରାକ୍ଷସ ରାଜ ବାତୁଳ ସମାନ ବ୍ୟାକୁଳ ହେବାରୁ

Digitized by srujanika@gmail.com

ବୀର ଚଣ୍ଡ ମୁଣ୍ଡ ବୀର ସ୍ୱ-ସୈନ୍ୟରେ ନାରୀବର
ମୋହିଲା ନୋହିଲା ମୋର ଉପାୟ କର ।
ନିଶାପାନେ ସେ ନିଶାଚର,
ନିଶାରେ ଗଲେ ଅର୍ବୁଦେ ସୈନ୍ୟ ସଙ୍ଗରେ । ୧୬ ।

ଶୁମ୍ଭ ନିଶୁମ୍ଭ ଦୁଇ ଦୈତ୍ୟ ପଚାରିଲେ, ମହାରାଜ ! ଏପରି ହେବାର କାରଣ କଣ ? ତେଣୁ ସେ କହିଲା, ଚଣ୍ଡ ମୁଣ୍ଡ ମେରୁ ପର୍ବତରୁ ଏକ ଅପୂର୍ବ ସୁନ୍ଦରୀଟିଏ ମୋତେ ଆଣି ଦେବେ ବୋଲି ଶୁଣାଇ ମୋଠାରୁ ସୈନ୍ୟସାମନ୍ତ ଓ ବହୁବିଧ ବସ୍ତ୍ରାଳଙ୍କାର ନେଇ ସେ ଅପୂର୍ବ ସୁନ୍ଦରୀକୁ ବଶୀଭୂତ କରାଇ ପ୍ରାପ୍ତ ସ୍ୱର୍ଗରାଜ୍ୟକୁ ନେଲେ କି ? ସେ ସୁନ୍ଦରୀ ତାଙ୍କୁହିଁ ବରିଲା । ମୋର ହେଲା ନାହିଁ ଏଣୁ ମୋର କି ଉପାୟ । ଏହାଶୁଣି ଶୁମ୍ଭ ନିଶୁମ୍ଭ କହିଲେ, ଆଜି ରଜନୀରେ ନତୁବା ରାତି ପାହିଲା ବେଳକୁ ସେହି ଅପୂର୍ବ ସୁନ୍ଦରୀ ନାରୀଟିକୁ ଆପଣଙ୍କ ନିକଟରେ ପହଞ୍ଚାଇ ଦେବୁଁ । ଏହାକହି ସେ ରାକ୍ଷସ ଦୁହେଁ ମଦ୍ୟପାନ କରି ଅର୍ବୁଦ ସଂଖ୍ୟକ ସୈନ୍ୟ ସଙ୍ଗରେ ନେଇ ସେହି ରଜନୀରେ ଗଲେ । ୧୬ ।

(ସନ୍ଧ୍ୟା ବର୍ଣ୍ଣନା)

କହୁଁ କହୁଁ ଅନ୍ଧକାର କଲା ଅନ୍ତ ଲଭିବାରୁ ରବି ଦୀପ,
କୃପଣଙ୍କ ଧନ ପ୍ରାୟେ ହେଲା ଜନମାନଙ୍କର ଦେବଦୀପ ।
ସେ କଳା, କେଉଁ କୋକଙ୍କୁ ହେଲା ଶୃଙ୍ଖଳା ।
କୁଳଟାକୁ କରାଇଲା ଲୀଳା,
କିବା ଚୋରର ନେଇ ସୁଖମାଳା ॥

(ରସକଲ୍ଲୋଳ)

Digitized by srujanika@gmail.com

(ଦ)

ବହନ୍ତୀ ସୁଭଦ୍ରା ନଦୀ ତୀରେ ଶିବା ଶିବା ବାଦୀ
ଜ୍ୱଳନ୍ତି ଶବଦ ଦ୍ରବ ଦୁର୍ଗନ୍ଧ ଭେଦ,
କରେ ବୀର କେଶମର୍ଦ୍ଦି ଦୈତ୍ୟ ଗୋଟେ ଗୋଟେ ଅଦ
ଶକ୍ତି ଗାଏ ନେଇ ଭେଦ ବଚନ ବଦ ।
ମୀନନେତ୍ରୀ ଦାନବେ ବାଦୀ,
କା କୁମାରୀ ମନୋହାରୀ ମନୋଜ ମର୍ଦ୍ଦି । ୧୩ ।

ଯେଉଁ ମେରୁ ପର୍ବତରୁ ସୁଭଦ୍ରାନଦୀ ବହୁ ଅଛି ତାହାର ତୀରରେ ମଦ୍ୟପାୟୀ ରାକ୍ଷସଗଣ ପିବାବେଳେ ଦେଖିଲେ ଯେ ଶୃଗାଳମାନେ ମୃତ ଶବମାନଙ୍କୁ ଧରି ପରସ୍ପରରେ କଳି କରି ହୁଁକାହୁଁକି କରୁଛନ୍ତି ଓ ବୃକ୍ଷମାନଙ୍କରେ ରକ୍ତପାୟୀ ପେଚକମାନେ ରହୁଛନ୍ତି । ଅଜ ମଦ୍ୟ ମଦ୍ୟର ଦୁର୍ଗନ୍ଧରେ ନାକ ଫାଟିପଡୁଛି । ରାକ୍ଷସମାନେ ଏ ସମସ୍ତ ଅଶୁଭ ଲକ୍ଷଣମାନ ଲକ୍ଷ୍ୟ ନକରି ଅଗେଇ ଚାଲିଛନ୍ତି । ଯଥା— ଭାଗବତରେ ଉଲ୍ଲେଖ ଅଛି :—

ମଦ୍ୟପ ଯେସନେ ମଦ୍ୟଖାଇ । ସତ୍ୟ ଅସତ୍ୟ ନ ଜାଣଇ ।

ତଥାପି ହାତରେ ବୀରବେଶ କି ନିଜ ନିଜ ନାଶକୁ ମୋଡ଼ି ପର୍ବତ ଅନ୍ତମଣ୍ଡଳର ଅଦ୍ୟାଶକ୍ତିଙ୍କୁ ଦେଖି ପଚାରିଲେ, ଗୋ ମୀନନୟନୀ । ତୁମ୍ଭେ କାହାର କନ୍ୟା ବା କାହାର ସ୍ତ୍ରୀ ଅଟ । ତୁମ୍ଭେ ଏହୁ ରାକ୍ଷସମାନଙ୍କୁ ବିନାଶ କରିବାର କାରଣ କଣ ? ଶୀଘ୍ର ପ୍ରକାଶ କର ।୧୩।

Digitized by srujanika@gmail.com

(ଜ)

ପିତା ମାତା ସ୍ୱାମୀ ନିଜ ମନ୍ଦଭାଗ୍ୟଁ ପରିତେଜ୍ୟ
ବନ୍ୟଜନ୍ତୁ ରକ୍ଷ ଉପେ ଗିରି ସାହାଯ୍ୟ,
ପ୍ରତାପ ତେଜ ଦନୁଜ ବଳାତ୍କାରେ ଢେଣଭୁଜ
ଅଶ୍ରୁ ସତ୍ୟ ଲଙ୍ଘନେ ହେଲେ ଦାହ୍ୟ ।
ଅନ୍ଧା ପୋଷା କପିଳାସ୍ୱଜ,
ଶୁମ୍ଭ ନିଶୁମ୍ଭ ମରମ୍ଭଁ ତେଜିଲେ ବ୍ୟାଜ । ୧୪ ।

ଶୁମ୍ଭ ନିଶୁମ୍ଭଙ୍କର ପ୍ରଶ୍ନପରେ ଦେବୀ ଉତ୍ତର କଲେ, ହେ ବୀରେ ! ମୁଁ ବଡ଼ ହତଭାଗିନୀ ଅଟେ । ମୁଁ ମୋର ପିତା, ମାତା ଓ ସ୍ୱାମୀଙ୍କ ସୁଖରୁ ବଞ୍ଚିତ ହୋଇ ଏହି ଝାଡ଼ ଜଙ୍ଗଲରେ ପରିପୂର୍ଣ୍ଣ ଥିବା ହିଂସ୍ରଜନ୍ତୁଙ୍କ ମୁଖରେ ମୋ ଜୀବନ ନ ଯାଉ ଏହି ପର୍ବତ ଉପରେ ବସି ମହିଷା ନାମକ ରାଜ ପ୍ରତ୍ୟାଶାରେ ଏକାଗ୍ରତା ବ୍ରତାବଲମ୍ବୀ ହୋଇଛି । ଚଣ୍ଡ ମୁଣ୍ଡ ନାମକ ଦୁଇଜଣ ପ୍ରତାପି ଦାନବ ମୋତେ ନେବାପାଇଁ ବହୁସୈନ୍ୟ ଓ ବସ୍ତ୍ରାଳଙ୍କାର ପ୍ରଲୋଭନ ଦେଖାଇଲେ ଓ ମୋର ସତୀବ୍ରତ ଖଣ୍ଡନ କରିବାକୁ ଅଗ୍ରସର ହେବାରୁ ମୋର ସତୀତ୍ୱ ତେଜାଗ୍ନିରେ ପତଙ୍ଗ ଭଳି ଝାସଦେଇ ସମସ୍ତେ ପ୍ରାଣ ବିସର୍ଜନ କଲେ । ମୁଁ କାହିଁକି ତାଙ୍କୁ ମାରିବି ? ମୁଁ ଜଣେ ସାମାନ୍ୟ ଅବଳା । ମୋର ଧର୍ମବ୍ୟତୀତ ଅନ୍ୟ କେହି ବଳଦାତା ନାହିଁ । ୧୪ ।

Digitized by srujanika@gmail.com

(ବା)

ଅମ୍ଭ ଯୋଗେ ସେ ମଘବା   ଶୁଣ ରେ ରମଣୀ ପ୍ରବା
ଅବଧ ବିଧିରେ ସେବା କର ବରବା,
ଅଙ୍ଗୀକାର କଲେ ତବା-   ଅଧସ୍ତ କାମେ ଯୁଝିବା
ସୁଖେ କାଳ କଟାଇବା କି ନାସ୍ତି ଦବା ।
ଯେ କରବ ଅମ୍ଭଙ୍କ ସେବା,
ତା ସୁକୃତ କି ମହିଷା ମହିଷୀ ହେବା । ୧୫ ।

ଶୁମ୍ଭ ନିଶୁମ୍ଭ ଦେବୀଙ୍କ ଠାରୁ ଏହା ଶୁଣି କହିଲେ, ଗୋ ରମଣି ! ତୁମ୍ଭେ ଯୁବତୀ ଅବସ୍ଥାରେ ବିଧାତାଙ୍କ ସେବାକରି ବର ପ୍ରାର୍ଥୀ ହୋଇଛ । କିନ୍ତୁ ଆମ୍ଭେ ବିଧାତାଙ୍କ ଠାରୁ ଅମର ବର ପାଇଛୁ । ଅମ୍ଭ ସଙ୍ଗେ ନିଶିଦିନ କାଳ କଟାଇଲେ ତୁମ୍ଭେ ମହିଷାର ମହିଷୀ ପଦକୁ ଉଲ୍ଲଙ୍ଘନ କରିବ । ମହିଷା ଅମ୍ଭ ଯୋଗେ ବଡ଼ ସିନା । ।୧୫।

(ଚୌପଦୀ)

ସୁନ୍ଦର ବର ବର ବର ବଚନା ।
ମଦ ଗମନା ତୁ ଦନ ଦୁଃଖେ ହରନା ହରନା ହରନା ରେ ।ପଦ।
ଏଣୀନୟନା ସୁଖୀ ହୁଅ ତୁରେ ଏଣିକି
ପାଣି ନ ବୃଦ୍ଧା ନେଇ ଧର ଅମ୍ଭ ପାଣିକି
ଜାଣି ଦେଲଣି ଅଣିମାଦ୍ୟ ବିଧି ତୁଣିକି
ଗୁଣମଣି ଗୁଣ ଗୁଣି ସରନା ସରନା ସରନା ରେ । ୧ ।
ବାଣୀ ସ୍ୱରୂପା ଆଜ ମାନ ଅମ୍ଭବାଣୀକି
ଜାଣିଲ୍ଲ ଦେବ ଦୁଃଖ ପାଇଲେଣି ଜାଣିକି ।
ନିରଞ୍ଜନ ବୋଲେ ନେଇ ଅଞ୍ଜନ ରଞ୍ଜନ
ଗଞ୍ଜନାଶୀ ଭଞ୍ଜନ କରନା କରନା କରନାରେ । ୨ ।

(ସଙ୍ଗୀତ ଶିରୋମଣି)

Digitized by srujanika@gmail.com

(ଣି)

ବାଣୀରୂପା ବାଣୀ ଭଣି ଆଶାରେ ମୁଁ ହେଲି କଣି
ମିଥ୍ୟା ଅମର କାହାଣୀ ଅନ୍ତର ଗୁଣି,
ଜନ୍ମୁଂ ଜନ୍ମେ ଉଚ୍ଚଷଣି ପ୍ରେମାବେଶେ ବେ ତରୁଣୀ
ଜରେ ଜର ଯୋଗପଣି ମରଣ ଜାଣି ।
ଅନେ ଭାନେ ନୁହଇ ଶୁଣି,
କୁଶପାଣି ଯୋଗ ହେବାର କୁଶପାଣି । ୧୬ ।

ବାଣୀରୂପା କି ସରସ୍ୱତୀଙ୍କ ସ୍ୱରୂପ ଧାରଣ କରି ଦେବୀ ରାକ୍ଷସଙ୍କ କହିଲେ, ଯଥା—ଭାଗବତରେ ଉଲ୍ଲେଖ ଅଛି :—

ମର୍ତ୍ତ୍ୟ ମାନବ ଦେହ ବନ୍ଧ । ଦେବତା ହୋଇଲେ ମରଇ ॥

ମୁଁ ତୁମ୍ଭ କଥାରେ ସନ୍ତୋଷ ହେଲି ଏବଂ ତୁମ୍ଭ ପାଖରେ ରହିଲେ ମୋର ଭଲ ହେବ ବୋଲି ସ୍ଥିର କଲି । କିନ୍ତୁ ଦେବତା ହେଲେ ସୁଦ୍ଧା ମର୍ତ୍ତ୍ୟକୁ ଯେ ଆସିବ ସେ ମରିବ । ତୁମ୍ଭେମାନେ କିପରି ଅମର ହେବ ? ମୋତେ ମିଥ୍ୟାକଥା କହିଲ କି? ଏକଥା ଶୁଣିଲାକ୍ଷଣି ଦୁହା ପ୍ରେମରେ ଅତ୍ୟନ୍ତ ବଶୀଭୂତ ହୋଇ ଶୁମ୍ଭ ଓ ନିଶୁମ୍ଭ କହିଲେ ଯେ ଆମ୍ଭ ଦୁଇଜଣଙ୍କୁ ବିଧାତା ବର ଦେଇ କହିଛନ୍ତି, 'କ' ରେ କି ମସ୍ତକରେ ପରସ୍ପର କର ଲଗାଇଲେ ମରିବ । ଏକଥା ଅନ୍ୟକୁ ଶୁଣାଇବାର ନୁହେଁ, କେବଳ ବିଧାତା ପ୍ରେରିତ ତୁମ୍ଭେ ଆମ୍ଭ ସହିତ ଯୋଗହେବ ବୋଲି ତେଣୁ ତୁମ୍ଭ ଆଗରେ ଏହା କହିଲୁ । ୧୬ । ·

Digitized by srujanika@gmail.com

(କ)

ହେଲି ଦାସୀ ଭାଷିବାକ ନୃତ୍ୟ ଗୀତେ ମୁଁ ଉତ୍ସୁକ
ଜେଣ ବୀରେ ଯେବା ଟେକ ଢେବ ନାୟକ,
ଶୂଳଲେ ପାଦ ମାଦକ ପାନେ ହୋଇଣ ଜଦକ
ଚାଣ୍ଡବେ ହସ୍ତ ଶୂଳକ ଜେଣ ମସ୍ତକ ।
ସ୍ପର୍ଶେ ଗରସେ ପାବକ,
ନାଶ ନାଶୁ ଯୋଗ୍ନୀ ସୈନ୍ୟ ଭଷି ନଖିକ । ୧୭ ।

ତାଙ୍କର ମୃତ୍ୟୁଭେଦ ଶୁଣିବା ପରେ ଦେବୀ କହିଲେ, ନିଶୁମ୍ଭ ମୁଁ ତୁମ୍ଭ ପଦର ଦାସୀ ହେବାକୁ ବଚନ ଦେଲି । ଯା' ହେଉ ତୁମ୍ଭେ ଉଭୟ ସମାନ କିନ୍ତୁ ମୁଁ ନୃତ୍ୟଗୀତରେ ଅନୁରାଗିଣୀ ଅଟେ । ମୋର ଏତିକି ଜାଣିବାର କଥା ଅଛି କି ତୁମ୍ଭ ଉଭୟଙ୍କ ମଧ୍ୟରୁ ଯେ କେହି ନୃତ୍ୟ ଗୀତରେ ପ୍ରଥମ ସ୍ଥାନ ଅଧିକାର କରିବ ମୁଁ ତାହାର ମନୋହାରିଣୀ ହେବି । ଏହା ମୋର ସତ୍ୟ ଅଟେ । ଏହା ଶୁଣିବା ମାତ୍ରେ ଉଭୟେ ମଦ୍ୟପାନ କରି ନିଶାବେଳରେ ପାଦ ସଞ୍ଚାଳନ କରି ପରିଶେଷରେ ଶୁମ୍ଭ ଭାବିଲା ମୁଁ ନିଶୁମ୍ଭ ଶିରରେ କର ଦେଲେ ସେ ଭସ୍ମ ହେବ, ନିଶୁମ୍ଭ ଭାବିଲା ମୁଁ ଶୁମ୍ଭ ଶିରରେ କର ଦେଲେ ସେ ଭସ୍ମ ହେବ । ଏଣୁ ଏହିପରି ଶୁମ୍ଭ ନିଶୁମ୍ଭ ଭାବନା କରି ପରସ୍ପର ଶିରକୁ ସ୍ପର୍ଶ କରି ଉଭୟେ ଭସ୍ମ ହେଲେ । ଅପର ସୈନ୍ୟମାନଙ୍କୁ ଯୋଗୀଗଣ ଗୋଡ଼ାଇ ଭକ୍ଷଣ କଲେ । ୧୭ ।

Digitized by srujanika@gmail.com

(ଚର)

କାଳ ବିକାଳ ଡଗରେ ବାର୍ତ୍ତା ମହିଷା ଅଗରେ
ମଲେ ଶୁମ୍ଭ ଦମ୍ଭ କୁମ୍ଭ ଭାଜି ନଗରେ,
ଶୁଣି ମହିଷା ରାଗରେ ବୁଡ଼ିଲା ଶୋକ ସାଗରେ
ଚାମର ବିମାଳ ବିଡ଼ୋଜାକ୍ଷ ବେଗରେ ।
ଆଜ୍ଞା କର ଏ ଯୁଧଯୋଗରେ,
ରକ୍ତବୀର୍ଯ୍ୟ ଭଦ୍ର ଘୋର ରକ୍ତ ପାଗରେ । ୧୮ ।

(ଚୟୁ)

ମୋହର ଥାଉଁ କି ଉପାୟେ ଅଟେ ନ ଦଅ ହୃଦୟେ
(ମୋର) ଅଛି ଅବଧ ଶରୀର ଶୋଣିତ ଯାଏ,

କାଳ ଓ ବିକାଳ ନାମକ ଦୁଇ ଡଗର ଅଧୀଶ୍ୱର ଶୁମ୍ଭ ନିଶୁମ୍ଭ, ଓ ସୈନ୍ୟଗଣଙ୍କ ବିନାଶ ଖବରକୁ ମହିଷା ରାଜା ଅଗରେ ଜଣାଇଲେ । ଶୁମ୍ଭ, ନିଶୁମ୍ଭ ଓ ସୈନ୍ୟଗଣଙ୍କ ମୃତ୍ୟୁ ବାର୍ତ୍ତା ଶୁଣି ଶୋକ ସାଗରେ ମଗ୍ନ ହୋଇ ଟଳିପଡ଼ିବା ବେଳେ ଚାମର ବିମାଳ ଓ ବିଡ଼ୋଜାକ୍ଷ ନାମକ ଯୋଦ୍ଧାଙ୍କ ସଙ୍ଗରେ ଯେନ ରକ୍ତବୀର୍ଯ୍ୟ ପଗଡ଼ି ଶିରରେ ବାନ୍ଧି ରାଜାଙ୍କୁ ଅପି ସାନ୍ତ୍ୱନା ଦେଇ କହିଲା, ଏ ବିଷୟରେ ମୋତେ ଆଦେଶ ନ ଦେଇ ଅକାରଣେ ଏତେ ଏତେ ସୈନ୍ୟଙ୍କୁ ବିନାଶ କରାଇ ଦୁଃଖ ଭୋଗୁଛନ୍ତି ସିନା । ବର୍ତ୍ତମାନ ଆପଣ ମୋତେ ଆଦେଶ ଦେଇ ନିର୍ଭୟ ହୁଅନ୍ତୁ ୧୮ ।

ରକ୍ତବୀର୍ଯ୍ୟ କହିଲା, ମହାରାଜ ! ମୁଁ ଯେପର୍ଯ୍ୟନ୍ତ ଜୀବନରେ ଅଛି ସେପର୍ଯ୍ୟନ୍ତ ଆଦୌ ଚିନ୍ତାକୁ ହୃଦୟରେ ଆଶ୍ରୟ ଦଅନ୍ତୁ ନାହିଁ । କାରଣ ମୋର ଶରୀରରେ ରକ୍ତ ବିନ୍ଦୁଏ ଥିବା ପର୍ଯ୍ୟନ୍ତ ମୁଁ ଅବଧ ।

Digitized by srujanika@gmail.com

ନି ପୁରେ କାହାକୁ ଭୟେ   ଭଗ୍ନୀ ସପତଣୀ ଘାୟେ
ଏତେକେ ମର୍ମ ଅଥୟେ ଭର ସଦୟେ ।
ନାରୀ ଘରେ ଏ ଜୀବ ଜାୟେ,
ଘଡ଼ିକ ବଳରେ ତଡ଼ିବି ଦେବତାୟେ । ୧୯ ।

(ତ)

କ୍ରୋଧ ତେଜି ବୋଧ ମତି   ହୁଡ଼ିଛି ବୁଦ୍ଧି ସଂପ୍ରତି
ଯୋଷା ଘୋଷାଏ ଅସୁର ଗମ ଝଂଟତି,
ବିପତ୍ତି-ପତି ବିପତି   ବରେ ଯାର ନାହିଁ ଭୀତି
କ୍ଷଣେ ନ ବିଶ୍ରାମି କ୍ଷଣଦାରେ ଗମନ୍ତି ।

ତିନିପୁରେ ତାହାରିକୁ ଭୟ କରେନାହିଁ । ତେଣୁ ମୋତେ କେହି ଯୁଦ୍ଧରେ ଜୟ କରି ପାରିବେ ନାହିଁ । ମୁଁ ଏପରି ଅମର ବର ପାଇଛି । ମୋର ଭଗ୍ନୀ ଜନ୍ମାବତୀର ସପତ୍ନୀ ହେଉଥିବା ବିବାଦ ନିମନ୍ତେ ମୁଁ ନୀରବ ରହିଥିଲି । ସାମାନ୍ୟ ନାରୀ ଗୋଟାଏ ଲକ୍ଷ ଲକ୍ଷ ସୈନ୍ୟ ମାରିଛି, ସେ କଣ ଜାଣେନା ଯେ ଘଡ଼ିକ ମଧ୍ୟରେ ଯିଏ ସ୍ୱର୍ଗ ରାଜ୍ୟରୁ ଦେବତାମାନଙ୍କୁ ତଡ଼ି ପାରନ୍ତି ତାକୁ ଜଣେ ସାମାନ୍ୟ ନାରୀ କ'ଣ ବଳି ଯାଇପାରେ ? । ୧୯ ।

ରକ୍ତବୀର୍ଯ୍ୟର ଏ କଥା ଶୁଣିବା ମାତ୍ରେ ମହୁଷା ଅଳ୍ପ ଧୈର୍ଯ୍ୟଧରି କହିଲା; ହେ ବନ୍ଧୁ ରକ୍ତବୀର୍ଯ୍ୟ ! ମୁଁ ପୂର୍ବରୁ ସେ ବୁଦ୍ଧି ହୁଡ଼ିଛି । ସାମାନ୍ୟ ନାରୀ ଯୋଗେ ଏଡ଼େ ଏଡ଼େ ବଳବାନ୍ ଶ୍ରେଷ୍ଠ ବୀରମାନେ ହତ ହେବା ମୁଁ ଅଦୌ ଭାବି ନ ଥିଲି । ଏବେ ସୈନ୍ୟଗଣଙ୍କୁ ସଙ୍ଗରେ ନେଇ ତୁମ୍ଭେ ସେ ସ୍ତ୍ରୀ ନିକଟକୁ ଯାଅ ଏବଂ ତାହାକୁ ମୋ ନିକଟକୁ ଧରିଆଣି କୀର୍ତ୍ତି ରଖ । ଏହା ଶୁଣି ରକ୍ତବୀର୍ଯ୍ୟ ଅତି ଗର୍ବରେ କହିଲା, ବିପତ୍ତିରେ ଯେ ସ୍ୱୟଂ ନାରାୟଣଙ୍କ ହସ୍ତରେ ମୋର ମରଣ

Digitized by srujanika@gmail.com

କ୍ଷୌଣି କ୍ଷୌଣି ସେନା ପଦାତ,
ଲକ୍ଷ ଲକ୍ଷ ଧ୍ୱଜ ଶରେ ମୋହିମା ଭତ । ୨୦ ।

(ଙ)

ପଥେ ଛାଡ଼ାଇ ରଥ କ ନିର୍ଭୟ କର ଘାତ କ
କରେକ ଦୂରୁ ମୂର୍ତ୍ତିକ ଗମ୍ଭ ଭାତ କ,
ନାଶ ଘର ଅଶାନ୍ତ କ କର ପାରବୁ ବର୍ତ୍ତୀ କ
କେଉଁଣ୍ଲ ମୃତ୍ୟୁ ଭତକ ଭୋଗ ଶାସ୍ତି ଦ ।
ତରବାଳ ଧର ଭତ ତ,
ଅକେଳା ଗଳା ପାତଲ କେଉଁ ଗତ କ । ୨୧ ।

ନାହିଁ । ଏବେ ମୋର ପରାକ୍ରମ ଆଜି ଦେଖନ୍ତୁ । ଏହା କହି କ୍ଷୌଣି କ୍ଷୌଣି ସଂଖ୍ୟକ ସୈନ୍ୟମାନଙ୍କୁ ଧନୁର୍ବାଣ ଧରାଇ ରଥ ଓ ପଦାତଙ୍କୁ ସଙ୍ଗରେ ଘେନି ମେରୁ ପର୍ବତ ନିକଟରେ ପହୁଞ୍ଚିଲ ।୨୦।

ରକ୍ତବୀର୍ଯ୍ୟ ନିଜର ସୈନ୍ୟଗଣଙ୍କ ସହ ଥାଟ ସାଜି ଯାଉଁ ଯାଉଁ ବାଟରେ ରଥ ପାହିଗଲା । ନିର୍ଭୟ ଚିତ୍ତରେ ସେ ସୈନ୍ୟ-ମାନଙ୍କ ସଙ୍ଗରେ ନେଇ ପର୍ବତାରୋହଣ କରି ଜଙ୍ଗଲ ଅତିକ୍ରମ କରିବା ସମୟେ ଦୂରରୁ ଦେବୀଙ୍କର ମୂର୍ତ୍ତି ଦେଖି ତାଙ୍କ ନିକଟକୁ ଅସି କହିଲା, ତୁ ଘରନାଶୀ ହୋଇ ରାଜଦ୍ରୋହୀ ହେଲୁ ନାହିଁ ଯେ ତୋର ମୃତ୍ୟୁକୁ ତୁ ନିଜେ ଜାଣି ଜାଣି ବରଣ କଲୁ । ଏବେ ତାହାର ଶାସ୍ତି ତୋତେହିଁ ଭୋଗିବାକୁ ହେବ । ଏହାକହି ଶାଣଦିଆ ତରବାରି ଦେଖାଇ କହିଲା ତୋର ଗଳାକୁ ଏହି ତରବାରି ଦ୍ୱାରା ଟିକି ଟିକି କରି କାଟି ରାଜୈଶ୍ୱର୍ଯ୍ୟ ଭୋଗ ନିକଟରେ ପହୁଞ୍ଚାଇ ଦେବି । ଏବେ ତେବେ ନିଜର ମରଣ ପାଇଁ ପ୍ରସ୍ତୁତ ହୁଅ । ୨୧ ।

Digitized by srujanika@gmail.com

(ମା)

ଅସ ଯୁଦ୍ଧେ ନାହିଁ କ୍ଷମା   ଧାଇଁଲେ ଦୈତ୍ୟ ବିକ୍ରମା
ମାର ମାର ଶସ୍ତ୍ର ଭ୍ରମା ଏଡ଼େ ଗାରମା,
ସ୍ମରୁ ଦେବୀ ଚଣ୍ଡୀ ଉମା   ଲକ୍ଷ ଲକ୍ଷ ଯୋଗ୍ନୀ ବାମା
ମୋହିନୀ ବେଶେ ଅସୀମ କର ଭଙ୍ଗିମା ।
ଅଧର କି ନବ ଅରୁଣିମା,
ଆଜ୍ଞା ଚଣ୍ଡୀ ଖାଅ ଗଣ୍ଡି ନକର ଯମା । ୨୨ ।

(ଗୁ)

(ଖ୍ୟାନ୍ତ ଯୋଡ଼ି ଯମକ)

କେବା ଯୁଦ୍ଧେ ଲଗୁ ଲଗୁ   କେବା ପ୍ରୀତି ମାଗୁ ମାଗୁ
କେ ସ୍ୱରୂପ ଯାଗୁ ଯାଗୁ କେ ଅଗୁ ଅଗୁ,

ରକ୍ତବୀଜର ସଙ୍ଗରେ ଥିବା ରାକ୍ଷସମାନେ କହିଲେ, ହେ ବାମା ! ଅସ, ଆଜି ଯୁଦ୍ଧରେ ତୋତେ କେହିହେଲେ କ୍ଷମା ନାହିଁ । ଏହା କହି ସମସ୍ତ ବୀରବାହିନୀ ଏକ ସମୟରେ ସମସ୍ତ ପ୍ରକାର ଶସ୍ତ୍ର ଚାଳନ କଲେ । ଏହା ଦେଖି ଦେବୀ ତତ୍‌କ୍ଷଣାତ୍ ଯୋଗ୍ନୀମାନଙ୍କୁ ସ୍ମରଣ କରିବାରୁ ଲକ୍ଷ ଲକ୍ଷ ଯୋଗ୍ନୀ ଅଖିପିଛୁଡ଼ାକେ ଉପସ୍ଥିତ ହେଲେ । ସେମାନଙ୍କୁ ଦେଖି ଦେବୀ ଆଜ୍ଞା ଦେଲେ ଯେ ତୁମ୍ଭେମାନେ ଏମାନଙ୍କର ଗଣ୍ଡିମୁଣ୍ଡିକୁ ମୋଡ଼ି ମାଡ଼ି ଭୋଜନ କରିବା ପୂର୍ବରୁ ମୋହିନୀ ବେଶ ଧାରଣ କରି ପ୍ରତ୍ୟେକ ରାକ୍ଷସଙ୍କୁ ରୂପ ମୋହରେ ଭୁଲାଇ ବିନାଶ କର ଓ ସେମାନଙ୍କର ରକ୍ତ ପାନକରି ଅଧରକୁ ବାଲାର୍କ ସଙ୍ଗେ ସାମ୍ୟକର । ୨୨ ।

ରାକ୍ଷସେ ଯୁଦ୍ଧ ମାଗିବା ବେଳେ ଯୋଗ୍ନୀଗଣ ମୋହିନୀ ବେଶରେ ସେମାନଙ୍କର ମନକୁ ଭୁଲାଇବା ପାଇଁ ପ୍ରତ୍ୟେକ

Digitized by srujanika@gmail.com

ବେ ଯୋଗ୍ନୀ ସବୁ ସଗୁ ବେ ପୃଷ୍ଠ ପରଗୁ ରଗୁ
କେଶପାଶ ତ୍ୟାଗୁ ତ୍ୟାଗୁ ବେ ଜାଗୁ ଜାଗୁ
ମାରେ ସୈନ୍ୟ ବେ ଦଗୁ ଦଗୁ,
ତା'ର ତର ରକ୍ତେ ଲିପ୍ତ ଫଗୁଣ ଫଗୁ । ୨୩ । *

(ଣି)

ଦୈତ୍ୟ ଲୁଣ୍ଠନ୍ତେ ଧରଣୀ ଯୋଗ୍ନୀ ସଙ୍ଗେ ପିଶାଚୁଣୀ
କେତେ ଶବ ଅଧ ଜଙ୍ଘେ ମୁଖ ଜଜାଣୀ,

ପ୍ରତ୍ୟେକଙ୍କ ଅଗରେ ଅସ୍ତ୍ରଶୂନ୍ୟ ତରରେ ସୁନ୍ଦର ଭାବଭଙ୍ଗୀରେ ପୃଷ୍ଠଗୁଚ୍ଛ ମଣ୍ଡିତ କେଶ ଗଭାକୁ ଫିଟାଇ ନୃତ୍ୟ ଆରମ୍ଭ କଲେ ଏବଂ ପ୍ରତ୍ୟେକ ରାକ୍ଷସଙ୍କୁ ନିଜ ନିଜ ଦୃଷ୍ଟି ଉପରେ ରଖିଲେ । ରାକ୍ଷସ-ମାନେ ତାଙ୍କର ଭାବ ନୃତ୍ୟରେ ବିଭୋର ହୋଇ ତାଙ୍କୁ କୋଳାଗତ କରିଲାକ୍ଷଣି ଯୋଗ୍ନୀଗଣ ଚୁମ୍ବଦାନ ଛଳେ ରାକ୍ଷସମାନଙ୍କ ଶରୀରରୁ ରକ୍ତ ଶୋଷଣ କରି ମାରି ପକାଇଲେ । କୌଣସି କୌଣସି ଯୋଗ୍ନୀର କରପଲ୍ଲବ ରକ୍ତାକ୍ତରେ ଏପରି ଶୋଭା ଧାରଣ କରିଛି ଯେ ତାହା ଫାଲ୍ଗୁନ ମାସର ଫଗୁରଙ୍ଗର ଶୋଭାକୁ କରପଲ୍ଲବ ନିନ୍ଦା କରୁଅଛି । ୨୩ ।

* 'ଅଜଡ ଅନାଅନି ନୂଅରେ' ଏହି ଗୀତଟି ରାକ୍ଷସମାନେ ଗାଇବେ ।

ରକ୍ତବୀର୍ଯ୍ୟର ସମସ୍ତ ସୈନ୍ୟଗଣ କନ୍ଦର୍ପ ଶରାଘାତରେ ଅସ୍ତ୍ରଶସ୍ତ୍ର ପୃଥିବୀରେ ପକାଇ ଦେଇ ତାଙ୍କୁ କୋଳକରିବାର ଅଶାୟୀ ହୋଇ ଧରାଶାୟୀ ଓ ଚେତନାଶୂନ୍ୟ ହେବାରୁ ଯୋଗ୍ନୀ ଓ ପିଶାଚୁଣୀଗଣ ସେମାନଙ୍କୁ ଊର୍ଦ୍ଧ୍ୱକୁ ଫିଙ୍ଗି ଦେଇ ଭୂଣ୍ଡକୁ ବସ୍ତାର କରି ତାଙ୍କ ଅଙ୍ଗରୁ ଝରି ପଡୁଥିବା ରକ୍ତକୁ ପିଇବାରେ ଲାଗିଗଲେ । ଏଣେ ଦେବୀଙ୍କ

Digitized by srujanika@gmail.com

ରକ୍ତବୀର୍ଯ୍ୟେ ନାରାୟଣୀ   ଦବାବସାନକୁ ଜାଣି
ବଜ୍ରୋଦନ୍ତେ ଶୂଳ ଖଡ୍ଗ ପଡ଼େ ଜଜାଣି ।
ବେଢ଼ି ଚଣ୍ଡୀ ନୋହିଲ ଜିଣି,
ନିରାଶ ହେଲେ ଅବଧ୍ୟ ଅଭୟ ଜାଣି । ୨୪ ।

(ହେ)

ଦୈତ୍ୟ ବହୁ କୋପବହେ   ରୁଦ୍ରାସ୍ତ୍ର ପେଶୁ ସ-ମୋହେ
ଯୋଗୀଗଣେ ମାରୁଁ ଦେବୀ ନିବାରୁ ବାହେ,

ଖଡ୍ଗ ଓ ଶୂଳରେ ରକ୍ତବୀର୍ଯ୍ୟ ନ ମରିବାରୁ ଦେବୀ ନିରାଶ ହେଲେ ଏବଂ ଖଡ୍ଗ ଓ ଶୂଳ ଦେବୀଙ୍କ ହସ୍ତରୁ ଖସି ପଡ଼ିଲା । ଦେବୀ ଚଣ୍ଡୀ ଗୃମଣ୍ଡୀମାନଙ୍କୁ ନିଜ ଶରୀରରୁ ଜାତ କରି ତାର ଚତୁଃପାର୍ଶ୍ୱରେ ଘେରିଇ ଯୁଦ୍ଧ ଚଳାଇଲେ ମଧ୍ୟ ସେ ମଲା ନାହିଁ । ଏଣୁ ଦେବୀ ଅତ୍ୟନ୍ତ ହତାଶ ହେଲେ । ୨୪ ।

ଏପରି ଯୁଦ୍ଧ ହେବାର ଦେଖି ରକ୍ତବୀର୍ଯ୍ୟ ଅତ୍ୟନ୍ତ ରାଗାନ୍ୱିତ ହୋଇ ସମସ୍ତଙ୍କୁ ବିନାଶ କରିବା ପାଇଁ ରୁଦ୍ରାସ୍ତ୍ର ପ୍ରୟୋଗ କଲା । ସେ ରୁଦ୍ରାସ୍ତ୍ର ପ୍ରଚଣ୍ଡ ମୂର୍ତ୍ତି ଧାରଣ କରି ଆସିବାର ଦେଖି ଦେବୀ ନିଜର ବେନି ବାହୁକୁ ପ୍ରସାରି କରି ତାର ଅସ୍ତ୍ରକୁ ସେତେବେଳେ ବ୍ୟର୍ଥ କରାଇବା ଲାଗି ଉଦ୍ୟତ ହେଲେ, ସେତେବେଳେ ରକ୍ତବୀର୍ଯ୍ୟ ଦେବଦତ୍ତ ଗଦାକୁ ବୁଲାଇ ଦେବୀଙ୍କୁ ବିନାଶ କରିବାକୁ ପ୍ରୟୋଗ କରିବାକୁ ଉଦ୍ୟତ ହୁଅନ୍ତେ ଦେବୀ ତତ୍କ୍ଷଣାତ୍ ଅନ୍ତର୍ଦ୍ଧାନ ହୋଇଗଲେ । ତେଣୁ ରକ୍ତବୀର୍ଯ୍ୟ ଦେବଦତ୍ତ ଗଦା ଧରି ଯୋଗୀ-ମାନଙ୍କୁ ମାରିବା ପାଇଁ ଗୋଡ଼ାଇଛୁ । ଏହାଦେଖି ଦେବୀ ଊର୍ଦ୍ଧ୍ୱରୁ

Digitized by srujanika@gmail.com

ଦେବଦତ୍ତ ଗଦା ଘାଏ ଅନ୍ତର୍ଦ୍ଧ୍ୟାନେ ଦେବୀ ରହେ
ଗୋଡ଼ାଗୋଡ଼ି ରକ୍ତବୀର୍ଯ୍ୟ ଯୋଗ୍ନୀଙ୍କୁ ଛୋଡ଼େ ।
ଛେଳି ଚେଲି ବାଜିବା ଦେଖେ,
ତ୍ରିପୁର ରକ୍ତ ଲୋଳୁପା ଯା ଚଣ୍ଡୀ କହେ । ୨୫ ।
(ନା)
ମଲେ ଥିଲେ ଯେତେ ସେନା ଚଣ୍ଡୀ ଖଡ଼୍‌ଗେ ଶସ୍ତ୍ର ଚୂନା
ହେବା ରକ୍ତବୀର୍ଯ୍ୟ ମନାନନ୍ଦ ଭମନା,
ମସ୍ତକେ ମୂଷଳ ଚୂନା ଦେଖି ନାରାୟଣୀ ସେନା
ଯଷ୍ଟି ମୁଷ୍ଟି ବନ୍ଧେ ଧାଇଁ କ୍ଷେତ୍ର ମଣ୍ଡନା ।
ସୁମନା ଏ ବର୍ଷି ସୁମନା,
ଗନ୍ଧର୍ବ ଦୁନ୍ଦୁଭି ନାଦେ କଲେ ବନ୍ଦନା । ୨୬ ।

ଯେତେ ପ୍ରକାର ଅସ୍ତ୍ର ପ୍ରୟୋଗ କଲେ ତାହା ସମସ୍ତ ରକ୍ତବୀର୍ଯ୍ୟ ଠାରେ ବ୍ୟର୍ଥ ହେବାରୁ ଦେବୀ ତ୍ରିପୁରା ଓ ରକ୍ତପାୟୀ ନାମକ ଦେବୀଙ୍କୁ ସ୍ମରଣ କଲେ ଏବଂ ତତ୍ପରେ ଦେବୀ ତାଙ୍କୁ ରକ୍ତପାନ କର ବୋଲି ଆଦେଶ ଦେଲେ । ୨୫ ।

ରକ୍ତବୀର୍ଯ୍ୟର ସୈନ୍ୟମାନେ ଯୋଗ୍ନୀଙ୍କ ଦ୍ୱାରା ନିହତ ହେବାରୁ ଏବଂ ଦେବୀ କିମ୍ବା ଯୋଗ୍ନୀବୃନ୍ଦଙ୍କର କିଛି କରି ନ ପାରିବାରୁ ତାର ମନାନନ୍ଦ କୁସୁମ ମଉଳିଗଲା । ଏଣୁ ମସ୍ତକକୁ ଲକ୍ଷ କରି ତ୍ରୀପୁର ମୂଷଳ ପ୍ରୟୋଗ କରିବାରୁ ତା ସମସ୍ତ ମସ୍ତକ ଠାରେ ଚୂନା ହେଲା । ଦେବୀଙ୍କର ନାରାୟଣୀ ସେନାମାନେ ଯଷ୍ଟି ଓ ମୁଷ୍ଟିଦ୍ୱାରା କ୍ଷେତ୍ର-ମଣ୍ଡନା କି ଯୋଗ୍ନୀଗଣ ଯୁଦ୍ଧକ୍ଷେତ୍ର ମଣ୍ଡନ କଲେ ବା ବେଢ଼ିଗଲେ । ଏହା ଦେଖି ଦେବୀଙ୍କ ଉପରେ ଦେବକନ୍ୟାମାନେ ପୁଷ୍ପ ବୃଷ୍ଟି କଲେ ଓ ଗନ୍ଧର୍ବମାନେ ଯୋଗ୍ନୀ ନୃତ୍ୟର ଉନ୍ମାଦ ବାଦ୍ୟମାନ ବଜାଇଲେ । ୨୬ ।

Digitized by srujanika@gmail.com

(ଗ)

ବନ୍ଦୁ ବନ୍ଦୁ ରକ୍ତ ଧାର ପଡତେ ଦଳେତ ଭାର
ପାଞ୍ଚ ଶୋଣି ରକ୍ତବୀର୍ଯ୍ୟ ସମରସାର,
ନାସନ୍ତି ପାର ଏ ଭାର ବୋଲେ ହେଲ ଦାରମଣ
ଦୂର ଦୂର ଗୃହ ଜରୁ ମନ୍ତ୍ର ଶ୍ରୀ ।
ରଣ୍ଡ ଘଣ୍ଡ ହେଲେ ଅଧିର,
କାଳ ଭୈରବେ କାଳ ନୋହୁଛ ପୂର । ୨୭ ।

(ଘ)

ଯେତେ ମାରୁ ତେତେ ଜାସୁ ଚଣ୍ଡୀ ମନେ ଜାତ ଭୟ
ନାହିଁ ନଥିବ ନୋହିବ ଦେଖା ଅଭୟ,

କ୍ଷେତ୍ରପାଳୀ ଓ ବିପ୍ରଗଙ୍କ ଦ୍ୱାରା ରକ୍ତବୀର୍ଯ୍ୟର ଶରୀରରୁ ରକ୍ତ ବନ୍ଦୁ ବନ୍ଦୁ ହୋଇ ପୃଥିବୀରେ ପଡ଼ିବା ମାତ୍ରେ କୋଟି ସଂଖ୍ୟାରେ ରକ୍ତବୀର୍ଯ୍ୟ ଯୁଦ୍ଧ କ୍ଷେତ୍ରରେ ଠିଆ ହେଲେ । ତେଣୁ ପୃଥିବୀ ଦେବୀ ତାଙ୍କ ପାଦଘାତରେ ଅଥୟ ହୋଇ ଦେବୀଙ୍କୁ ସ୍ମରଣ କଲେ । ଦେବୀ କାଳଭୈରବୀଙ୍କୁ ପ୍ରେରଣ କଲେ ମଧ୍ୟ ତାର ରକ୍ତବନ୍ଦୁ ବନ୍ଦ ହେଲନାହିଁ କି ରାକ୍ଷସ ଉତ୍ପତ୍ତି କମିଲ ନାହିଁ । ୨୭ ।

(ଶ୍ଳୋକଃ) ରକ୍ତବନ୍ଦୁ ର୍ଯଦା ଭୂମୌ ପତତ୍ୟସ୍ୟ ଶରୀରତଃ,
ସମୁତ୍ପତତି ମେଦିନ୍ୟାଂ ସ୍ତତ୍ ପ୍ରମାଣଂ ସ୍ତଦାସୁରଃ । (ଚଣ୍ଡୀ)

ଏଣେ ଯୋଗ୍ନୀବୃନ୍ଦ ଯେତେ ମାରଲେ ମଧ୍ୟ ରକ୍ତବନ୍ଦୁ ପଡ଼ିବା ମାତ୍ରେ ତହିଁରୁ ରକ୍ତବୀର୍ଯ୍ୟ ଜାତ ହେବାର ଦେଖି ଦେବୀ ଓ ଯୋଗ୍ନୀଗଣ ନାରଶ ବା ନିରୁପାୟ ହେଲେ । ତହୁଁ ଦେବୀ କହିଲେ ଏ ରାକ୍ଷସକୁ ଏପର ଅଭୟ ବର ଯେଉଁ ମାନେ ଦେଇଛନ୍ତି

Digitized by srujanika@gmail.com

ତାଙ୍କନ୍ତ ଅମରଚୟ   ରକ୍ତବୀଜ ନାଶମାଦୟ
ବାର ଏମନ୍ତ ଉଦନ୍ତେ ହେଲ ନିର୍ଭୟ ।
ରକ୍ତଧାର ନୋହୁ ଅଗ୍ରସ୍ତ,
କାଳୀ ଚୋଷାମଣି ଯୋଗୁ ହୋଇଲ ଜୟ । ୨୮ ।

(ଣି)

ବିକଟାଳ ଯୋଗ୍ନୀଶ୍ରେଣୀ   ଖର୍ପର ପାତ୍ରୁ ଧରଣୀ
ପଡ଼ନ୍ତ ରକ୍ତ ଗ୍ରହିଲେ ଲଗାଇ ପାଣି,

ସେହୁମାନେ ଏ ପୃଥିବୀ ରକ୍ଷା କରନ୍ତୁ । ମୁଁ ରକ୍ଷାକର ପାରିବି ନାହିଁ । ଏ ସମୟେ ଅକାଶରୁ ଦୈବବାଣୀ ହେଲା କି ଏହାର ରକ୍ତ ପୃଥିବୀରେ ପଡ଼ିଲେ ଏ ମରିବ ନାହିଁ । ତେଣୁ ଏହାର ରକ୍ତ ଯେପରି ତଳେ ନ ପଡ଼େ । ଏମନ୍ତ ଦୈବବାଣୀ ଶୁଣି ଦେବୀ କାଳୀ ଓ କରାଳୀ ନାମକ ଦୁଇ ଦେବୀଙ୍କୁ ଖର୍ପର ଧରିକି ରକ୍ତ ଗ୍ରହିବାକୁ ଅଦେଶ ଦେଲେ । ୨୮ ।

(ଶ୍ଲୋକଃ)

ତାଂ ବିପଣ୍ଡ୍ରାନ୍ ସ୍ୱଜନ୍ ଦୃଷ୍ଟ୍ୱା ଚଣ୍ଡିକା ପ୍ରାହ ସତ୍ୱର,
ଜବାଚ କାଳୀ ଚାମୁଣ୍ଡେ ବିସ୍ତାର ବଦନଂ କୁରୁ ।
ମଚ୍ଛସ୍ତ୍ର ପାତ ଶଂ ଭୂତାନଂ ରକ୍ତ ବିନ୍ଦୂନ୍ ମହାସୁରାନ୍
ରକ୍ତବିନ୍ଦୋ ପ୍ରତିଚ୍ଛତ୍ୱଂ ବକ୍ତ୍ରେଣାନେନ ବେଗିତା ।

ଯୋଗ୍ନୀବୃନ୍ଦ ବିକଟାଳ ବେଶରେ ଖର୍ପରକୁ ପତାଇ ରକ୍ତବୀଜର ରକ୍ତସବୁ ଗ୍ରହିବାକୁ ଲଗିଲେ । ବିନ୍ଦୁ ଏ ମାତ୍ର ରକ୍ତ ତଳେ ପଡ଼ିଲା ନାହିଁ । ଏହୁପର ଜନାଦନ ରକ୍ତପାନ କରିବାରୁ ଅଶୀଲକ୍ଷ ରକ୍ତଜନ୍ମା ରକ୍ତବୀଜର ଶବ ମେଦନୀ ପୃଷ୍ଠରେ ଶଯ୍ୟା କରିଦେଲେ । ରକ୍ତବୀଜ ବିନାଶ ହେବାରୁ ଦୂତ ଅତିଶୀଘ୍ର ଯାଇ ମୃତ୍ୟୁ ସମ୍ବାଦ ମହୁଷା

Digitized by srujanika@gmail.com

ଅଗୋଳିତ ଯୋଦ୍ଧା ଗଣି   ତୃତୀୟ ବାସର ଭଣି
ରକ୍ତବୀର୍ଯ୍ୟ ଶବେ ପୂର୍ଣ୍ଣ ହେଲା ଷଜଟୀ ।
ବାହୁଲ ଭୂଲ ସେ ନୃମଣି,
ଗୃହଂ ପଦ୍ମେ ସଦ୍ମେ ବୋଢ଼ିଲା ସୁସୁଷଣି । ୨୯ ।

(ଡ଼ା)

ତଳିଲ ବାଧନ୍ତେ କ୍ରୀଡ଼ା   ଧରୁ ସୈନ୍ୟ ଯୋଡ଼ା ଯୋଡ଼ା
ଅନ୍ଧକ ପାଙ୍ଗେ ଏ ପୀଡ଼ା ମରଣ ଲୋଡ଼ା,

ନିକଟରେ ହେଲା । ସେ ସମ୍ବାଦ ଶୁଣିଲା ମାତ୍ରେ ମହିଷା ପାଗଳପରି ହୋଇଗଲା ଏବଂ ସେତେବେଳେ ଦେବୀଙ୍କ କୋପାଗ୍ନିରେ ତାହାର ପଦ୍ମ ସଂଖ୍ୟକ ଘରପୋଡ଼ି ଭସ୍ମ ହୋଇଗଲା । ୨୯ ।

ନଗରରେ ଅଗ୍ନି ସଂଯୋଗ ହେଲେ ବାର୍ତ୍ତାବହ ଜଣାଇଲା କି ରକ୍ତବୀର୍ଯ୍ୟ ସହ କୋଟି ସଂଖ୍ୟାର ସୈନ୍ୟ ମେରୁ ପର୍ବତରେ ପ୍ରାଣତ୍ୟାଗ କଲେ । ମେରୁ ପର୍ବତପରେ ତାଙ୍କ ଶବମାନ ପଡ଼ିଛି । ଏହି ମୃତ୍ୟୁବାର୍ତ୍ତା ମହିଷା ଶୁଣିବା ମାତ୍ରେ ସମସ୍ତଙ୍କ ନାମ ଧରି ଅତି ବ୍ୟାକୁଳ ଭାବେ ହାୟ ବୋଲି କହି ଭୂମିରେ ପଡ଼ିଗଲା । ଅନ୍ଧକ ନାମକ ମନ୍ତ୍ରୀ ମନ ମଧ୍ୟରେ ପାଣ୍ଠିଲା ଯେ ଏଥର ନିଶ୍ଚୟ ରାଜାର ଏ ବିନାଶ ହେବ ଅଟେ । ଏଥର ମହିଷା ଅତ୍ୟନ୍ତ ରାଗାନ୍ୱିତ ହୋଇ ଆଦେଶ କଲା କି ମୋର ଯେତେ ଗଜ, ବାଜୀ, ବ୍ୟାଘ୍ର ଇତ୍ୟାଦି ଅଛନ୍ତି, ସମସ୍ତଙ୍କୁ ଯୁଦ୍ଧ ସାଜରେ ସୁସଜ୍ଜିତ କରି ଅଣ । ଅଉ ମଧ୍ୟ ସମସ୍ତ ସୈନ୍ୟ ସାମନ୍ତମାନଙ୍କୁ କୁହ ଯେ ସେମାନେ ଅତଶୀଘ୍ର ବୀର ସାଜରେ ସଜ୍ଜିତ ହୋଇ ମୋ ନିକଟରେ ଉପସ୍ଥିତ ହୁଅନ୍ତୁ ଏପରି ଆଦେଶଦେବାର କିଛି ସମୟ ପରେ ସମସ୍ତେ ଆସି ମହିଷା ନିକଟରେ ଉପସ୍ଥିତ ହେବାରୁ ମହିଷା ସେମାନଙ୍କୁ ସଙ୍ଗରେ ନେଇ ଯେତେ-

Digitized by srujanika@gmail.com

ଛୁର ନାଗରେ ଘୋଷଡ଼ା ଦେଲ ବୀରେ ଧର୍ମ ଛଡ଼ା

ସାଜି ଗଜ ବାଜୀ ଅଡ଼ା ପତାକା ଜଡ଼ା ।

ରମି ଭ୍ରମି ଶାର୍ଦ୍ଦୂଳ ବେଢ଼ା,

କ୍ଷେତ୍ରେ ମିଳୁ ନେନେ କାହିଁ ନ ଦଶେ ମଡ଼ା । ୩୦ ।

(ଢେ)

ବୀର ମର୍ଦ୍ଦନ ଠମକେ ବୀର କେଶରୀ ଚମକେ

ଘୋର ଅସୁର ଯମକେ ଅସ୍ତ୍ର ଝମକେ,

ବାମ ନୟନୀ ବାମକେ ନାଶରେ ଅଗ ଯାମକେ

ମହିଷା ପଦାଘାତରେ ମହୀ ଚମକେ ।

ନ ମାନିଲା ମୋର ନାମକେ,

ଦେଖାଇବ ଯୁଦ୍ଧେ ଏବେ ପରାକ୍ରମ କେ । ୩୧ ।

ଯେତେବେଳେ ମେରୁ ପର୍ବତରେ ଯାଇ ପହଞ୍ଚି, ସେତେବେଳେ ସେଠାରେ ଦେଖେ ଯେ ଶବମାନଙ୍କର କାହୁମାନ ଦେହାବଶିଷ୍ଟ ନାହିଁ କିମ୍ବା ଅସଂଖ୍ୟ ନାଗ ସେନା ନାହାନ୍ତି । ୩୦ ।

ବୀର ମର୍ଦ୍ଦନ ବାଦ୍ୟ ଘୋଷରେ ବୀର କେଶରୀ ମହିଷାସୁର ଅସ୍ତ୍ରକୁ ଝମକାଇ କହିଲା, ଅମ୍ଭ ରାକ୍ଷସର ବା ରାକ୍ଷସ କୁଳର ଯମ ଯେଉଁ ବାମନୟନୀ ସେ ମୋର ଶତ୍ରୁ ଅଟେ । ତାକୁ ପ୍ରହାରକ ମଧ୍ୟରେ ମାର, ମାର । ଏହାକହି ପୃଥିବୀକୁ ପଦାଘାତରେ ଦୁଲୁ ଦୁଲୁ କରି କହିଲା ମୋତେ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନିପୁରର ଲୋକମାନେ ଡରନ୍ତି । ସାମାନ୍ୟ ନାରୀ ହୋଇ ମୋର ଆଦେଶକୁ ଅବମାନନା କରି ମୋର ସୈନ୍ୟଗଣଙ୍କୁ ମାଡ଼ ଦେଇଛି । ଆଜ ଯୁଦ୍ଧରେ ତୋତେ କିଏ ରକ୍ଷା କରିବ ଓ କିଏ ସାହାଯ୍ୟ କରିବ ? ଆଉ ମଧ୍ୟ ସେ କେଡ଼େ ପରାକ୍ରମଶାଳୀ ତାକୁ ହିଁ ମଧ୍ୟ ମୁଁ ଦେଖିବି । ଏବେ ବିଳମ୍ବ ନ କର ଲୋ ନାରୀ; ଶୀଘ୍ର ଯୁଦ୍ଧକୁ ଅଗ୍ରସର ହୁଅ । ୩୧ ।

Digitized by srujanika@gmail.com

(ହ)

ଫାନ୍ଦ ଯୋଡ଼ ଯମକ

ନାଶି ବୀର ବାହୁ ବାହୁ ଗ୍ରାସିଲ ଲୋ ଗୃହୁଁ ଗୃହୁଁ
ଭୃମ ହୋଇ ମଲେ କି ପ୍ରେମ ବହୁ ବହୁ,
ଗିର ଭର ବହୁ ବହୁ ଘେର ବୀରେ କହୁ କହୁ
ମୋହନୀ ଯୋଗୀର୍କେ ବଧୂ ଉବୀଜ ଗ୍ରହୁ ।
ଧୈର୍ଯ୍ୟ ଏହା କେ ସହୁ ସହୁ,
କାଳ ବିମୋଚନ ଯୁଦ୍ଧେ କେ ରହୁ ରହୁ । ୩୨ ।

ମୋର ବୀରମାନଙ୍କୁ ତୁ ପ୍ରେମରେ ବଶୀଭୂତ କରାଇ ସେମାନଙ୍କର ବାହୁକୁ ଛେଦନ କରି ଗ୍ରାସ କଲୁ । ବହୁରୂପା ସ୍ତ୍ରୀ ବେଶ ହୋଇ ଗୃହୁଁ ଗୃହୁଁ ମୋହର ସୈନ୍ୟଗଣଙ୍କୁ ବିନାଶ କରିଦେଲୁ । । ତୋର ବହୁରୂପା ବେଶକୁ ଆଜି ଛଡ଼ାଇ ଦେବି । ଏପରି କହି ସୈନ୍ୟମାନଙ୍କୁ ଆଦେଶ ଦେଲା କି ଏ ପର୍ବତର ଚାରିପାଖରେ ତୁମ୍ଭେମାନେ ଘେରିକରି ରୁହ । ଏହାଶୁଣି ଦେବୀ ଯୋଗିନୀଗଣଙ୍କୁ ସ୍ମରଣ କଲେ ଏବଂ ସ୍ମରଣ କରିବା ମାତ୍ରେ ଅସଂଖ୍ୟ ଅଗଣ୍ୟ ଯୋଗିନୀଗଣ ଆସି ପହଞ୍ଚିଗଲେ । ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ରାହୁଗ୍ରାସ କଲା ପରି ଯୋଗିନୀଗଣ ଚାରି ଦଗରେ ଘେରିଗଲେ ଏବଂ ଅନେକ ଯୋଗିନୀ ରାକ୍ଷସମାନଙ୍କୁ ଖାଇବା ପାଇଁ ଗୋଡ଼ାଇଲେ । ଏହା ଦେଖି କାଳ ବିମୋଚନ ରାକ୍ଷସ ସେମାନଙ୍କ ସଙ୍ଗେ ଯୁଦ୍ଧ କଲା । ୩୨ ।

Digitized by srujanika@gmail.com

(ଡ)

କାଳ ବିମୋଚନ ରଡ଼ି ଚରେ ଯୋଗ୍ନୀ ଯୋଡ଼ ଯୋଡ଼
ଘଣ୍ଟକେ ଦେଲ ଫୋପାଡ଼ି ଚରକୁ ଝାଡ଼ି,
କୁଶଦ୍ୱୀପେ ଲକ୍ଷ ପଡ଼ି ଚନ୍ଦ୍ର ଦ୍ୱୀପେ ଲକ୍ଷ ଯୋଡ଼ି
ଶାଲ୍ମଳି, କୋଶଳ, କ୍ରୌଞ୍ଚ ଦ୍ୱୀପକୁ ଖେଡ଼ି ।
ତାର ତଳ ମସ୍ତକ ଛିଣ୍ଡି,
କେ ପୂଜ୍ୟ ଅପୂଜ୍ୟ ହୋଇ ଅଛନ୍ତି ପଡ଼ି । ୩୩ ।

(ଢ)

ଦେ ଚନ୍ଦ୍ର ମହୂଷା ଚେକ ଘୁଞ୍ଚିଲ ଜଗତେ ଡାକ
"ଦେବ ବ୍ୟାଧି ବୃଦ୍ଧି ମହୌଷଧି ଏ ଠିକ,

କାଳ ବିମୋଚନ ଘୋର ରଡ଼ି ତଳ କହିଲ ଯେ ନାଥଗଣେ ! ଅଜ କିଏସେ ତୁମ୍ଭମାନଙ୍କୁ ମୋ ହସ୍ତରୁ ରକ୍ଷା କରିବ । ଗ୍ରଗାନ୍ୱିତ ହୋଇ ତାର ଦୁଇ ହସ୍ତରେ ଦୁଇଟା ଲେଖାଏ ଯୋଗ୍ନୀକୁ ଧରି ବୁଲାଇ ବୁଲାଇ ଫୋପାଡ଼ି ଦେଲା ଯେ ସେମାନେ ସମସ୍ତେ ସପ୍ତ ଦ୍ୱୀପମାନଙ୍କରେ ପଡ଼ିଲେ । ତେଣୁ ଅଜ ପାଷାଣ ମୂର୍ତ୍ତିରେ ଭିନ୍ନ ସ୍ଥାନରେ ଦେବୀମୂର୍ତ୍ତିମାନ ଦେଖିବାକୁ ମିଳୁଛି ଯେ କାହାର ହାତ, କାହାର ମୁଣ୍ଡ, କାହାର ଗୋଡ଼ ବା ପାଦମାନ ପଡ଼ିଅଛି । ତହିଁ ମଧ୍ୟରୁ କେତେକ ପୂଜ୍ୟ ଓ କେତେକ ଅପୂଜ୍ୟ ହୋଇ ପଡ଼ିଅଛନ୍ତି । ୩୩ ।

ଯୋଗ୍ନୀମାନଙ୍କର ଏପରି ପରାଜୟ ଓ ଛତ୍ରଭଙ୍ଗ ହେବା ଦେଖି ମହୂଷା ଉଚ୍ଚ ସ୍ୱରରେ ମନାନନ୍ଦରେ କହିଲ, ହେ ଦେବତାମାନେ ! ତୁମ୍ଭମାନଙ୍କ ରୋଗର ଉତ୍ତମ ମହୌଷଧି ମୋ ନିକଟରେ ଅଛି ।

Digitized by srujanika@gmail.com

ଢେଙ୍କା କ ହେବରେ ଢାଙ୍କ   ଶଙ୍ଖେ ସାମ୍ୟ କି ଶାମ୍ବନ୍ତ
ନାରୀ ଅସ୍ତ୍ରମୁକୁ ଢର ଫୁଲଅ ରେଢ ।
ଢେଶଗ୍ରି ସବ କ ଶଣଢ,
ବାବଣେ ବାରଣେ ଜଣେ ଢାହିଁ ମୁଷ୍ଟିଢ । ୩୪ ।

(ଣ୍ଟ)

ଥସ ବୀର ଢାଲଘଣ୍ଟ   ରହିଲ୍ଲ ବୀର ମୋ ଅଣ୍ଟ
ଅମଗ୍ରବଟ୍ଟ ତୋ ବାଣ୍ଟ ବାଣୀ ନ ମେଣ୍ଟ,

କିନ୍ତୁ ତୁମ୍ଭେମାନେ ବିଚାର କରି ଦେଖ, ସାମାନ୍ୟ ଗୋଟିଏ ନାରୀର ଅସ୍ତ୍ର ନେଇ ତୁମ୍ଭମାନଙ୍କର ଦମ୍ଭ ବା ଗର୍ବ ଢରିବା ଅଦୌ ଉଚିତ ନୁହେଁ । ୩୪ ।

କ୍ଷୁଧ କ୍ଷୁଧ ହେଲେ ଶୁଧ ସମାନ, ଢା କା କ୍ଷ ଏ ଢରିବ ଗାନ
ଦାଆ ପାଠ ଜାଣି ଗାଁ ସାଅନ୍ତି, ପିଅଜ ଖିଅ କ ହେବେ ମହନ୍ତ
ଭୁଅ ହେବ ବାଢ,
ବାହାପିଅ ଢାହିଁ ପଣ୍ଡିତ ଯୋଗ ।
(ଇନ୍ଦୁରେଖା)

ମହାତା ଢାଲଘଣ୍ଟ ବୀରକୁ ପାଶକୁ ଡାକି କହିଲେ, ହେ ବୀର ! ତୁମ୍ଭେ ଅଜି ମୋର ସମ୍ମାନ ରକ୍ଷା କରିଛ । ତେଣୁ ମୁଁ ଅତି ଆନନ୍ଦିତ ହୋଇ ଅଜି ତୁମ୍ଭଙ୍କୁ ସ୍ୱର୍ଗରାଜ୍ୟ ପ୍ରଦାନ କଲି । ମୋର ବିପଦବେଳେ ତୁମ୍ଭେ ହିଁ ମୋର ଏକମାତ୍ର ସାହାଯ୍ୟକାରୀ ଦେଖିଲି । ତେଣୁ ମୁଁ ତୁମ୍ଭଙ୍କୁ କହୁଅଛି ଯେ ତୁମ୍ଭେ ଯାଇ ନାରାୟଣୀ ବେଶ ଧରିଥିବା ସେହି

Digitized by srujanika@gmail.com

ନାଶ ନାରାୟଣୀ ପେଣ୍ଡ ଦେଖି ଅପି ବଳକୁଣ୍ଡ
ସମସ୍ତ ହୋଇଣ ମେଣ୍ଟ ପର୍ବତ ଘାଣ୍ଟ ।
ଭୃଙ୍ଗ ଭୃଙ୍ଗ ଅମର ଅଣ୍ଟ,
ଚମ୍ପିଲେ ଦେବେ କାତରେ ଶୃଙ୍ଖଳ କଣ୍ଠ । ୩୫ ।

(୨)

କାଳ ବିମୋଚନ ଯମ ସମପର୍ଣ୍ଣ ବନ୍ଧୁ ତମ
ବୋଲେ ଯୋଷା ହେଲୁ ଦ୍ରୂପ ବରଜା ପ୍ରେମ,

ଶ୍ରେଷ୍ଠା ନାରୀକୁ ଶୀଘ୍ର ବିନାଶ କର । ତାଙ୍କର ଇଷ୍ଟ ଯେଉଁ ନାରାୟଣ ସେହି ଅପି ତାହାଙ୍କୁ ଦେଖନ୍ତୁ । ଅସୁର ମଧ୍ୟ ଏହି ପର୍ବତ ମଧ୍ୟରେ କେହି ଯଦି ଲୁଚିକରି ଥାଏ, ତେବେ ତାହାକୁ ଅନୁସନ୍ଧାନ କରି ମାର । ମୁଁ ଖୁବ୍ ଭଲଭାବେ ଜାଣେ ଯେ ଦେବତାମାନେ ଏହି ଯୁଦ୍ଧରେ ଛଦ୍ମବେଶ ଧାରଣ କରି ପୂର୍ଣ୍ଣରୂପେ ସେହି ନାରାୟଣୀ ବେଶ ଧରିଥିବା ଶ୍ରେଷ୍ଠା ନାରୀକୁ ସହଯୋଗ କରୁଛନ୍ତି । ତାଙ୍କର ସମସ୍ତ ପ୍ରକାର କୂଟ କପଟତାକୁ ଚୂର୍ଣ୍ଣ କରି ଦିଅ । କେବେହେଁ କାହାରିକୁ ଦୟା ପରବଶ ହୋଇ କୌଣସି ଦେବତାକୁ ଛାଡ଼ି ଦିଅନାହିଁ । ମହିଷାସୁର ଏପରି କଠୋର ବଚନ ଶୁଣିବା ମାତ୍ରେ ଦେବଗଣଙ୍କର ମନରେ ଭୟଭାବ ଜାଗରିତ ହେଲା । ସେମାନେ କୌଣସି ଉପାୟ ନ ପାଇ ହତାଶରେ ଦେବୀଙ୍କୁ ମନ ମଧ୍ୟରେ ଚିନ୍ତା କଲେ । ୩୫ ।

କାଳ ବିମୋଚନ ରାଜାଙ୍କର କଥା ଶୁଣି ଅତିଶୟ ରାଗାନ୍ୱିତ ହୋଇ ମହିଷାସୁର କହିଥିବା ସୁନ୍ଦରୀ ନାରୀକୁ ଖୋଜିବା ନିମନ୍ତେ ତି ଅଡ଼କୁ ଅଗ୍ରସର ହେଲା । କିଛିବାଟ ଯିବା ପରେ ସେ ସେହି ସୁନ୍ଦରୀ ନାରୀକୁ ଦେଖି କହିଲା, ହେ ଚତୁରୀ ନାରୀ ! ତୁ ରାଜାଙ୍କ ସହିତ ପ୍ରେମାଚରଣ ନ କରି କାହିଁକି ଜାଣୁ ସୁଖ ସ୍ୱରୂପ ସମ୍ପଦକୁ ଦୁଃଖ

Digitized by srujanika@gmail.com

ସ୍ୱଜ ବଚେମ୍ରଗକ୍ତ ଧର୍ମ   କର ସ୍ୱାଧୁଲ୍ ଅଧର୍ମ
ଶ୍ରେୟ ତେଜ ସ୍ଥାନ କର୍ମ ଚିନ୍ତ ଧରମ ।
ଦେବୀ ବାଣୀ ନାହିଁ ଶରମ,
ଜାଣିଲି ରାଜାର ପ୍ରିୟ ବୀର ବିକ୍ରମ । ୩୬ ।

(ଣି)

ମାର ତାର ବୀରମଣି   ନ ବୁଝିଁ କେଉଁ ସେ ବାଣୀ .
ମହୁଷା ପାଇଲେ ଅଣି ହେବ ଘରଣୀ,

ରୂପକ ସ୍ରୋତରେ ଭସାଇ ଦେଲ୍ । ଅଜ୍ଞମଧ୍ୟ ରାକ୍ଷସମାନଙ୍କୁ ବିନାଶ କରି ପ୍ରବୃତ୍ତ ହତ୍ୟାର ପାପଭାରମାନ ବହନ କଲ୍ । ଏଣୁ ଜାଣିଥାଅ ଯେ ତୋତେ ଧର୍ମ ଛାଡ଼ିଲଣି । ରାକ୍ଷସର ଏପରି କଥାଶୁଣି ଦେବୀ ଶାନ୍ତ ବାଣୀରେ କହିଲେ—ହଁ, ମୁଁ ଏବେ ଜାଣିଲି ଯେ ତୁମ୍ଭେ ମହୁଷା ରାଜାଙ୍କର ଅତ୍ୟନ୍ତ ପ୍ରିୟପାତ୍ର ଅଟ । ମୋ ଉପରେ ତୁମ୍ଭର ବିକ୍ରମ ପ୍ରୟୋଗ କରି ମୋତେ ପରାସ୍ତ କରିବ କିମ୍ବା ପ୍ରାଣରେ ମାରି ତୁମ୍ଭେ ବଡ଼ ବୀରତ୍ୱ ଅର୍ଜନ କରିବାକୁ ପ୍ରୟାସୀ ହୋଇଅଛ । ଏପରି କରିବା କଣ ତୁମ୍ଭର ଉଚିତ ଅଟେ ? ହଉ, ଯାହା ତୁମ୍ଭେ କରିବ କର । ମୋର ତୁମ୍ଭ ପ୍ରତି ଇଚ୍ଛା କରିବାର ନାହିଁ । ମୋର କେବଳ ମାତ୍ର ଧର୍ମ ସାହାଯ୍ୟ ଅଛି । ୩୬ ।

ଦେବୀ କହିଲେ—ହେ ବୀର ! ତୁମ୍ଭେ ମୋତେ ମାର ଅବା ତାର ସେଥିରେ ମୋର କିଛି କହିବାର ନାହିଁ, କିନ୍ତୁ ମୋର ଅଟଳ ବାକ୍ୟ ଯେ ମୋ ନିକଟକୁ ମହୁଷା ଅସିଲେ ମୁଁ ମୋର ଅଙ୍ଗ ତାଙ୍କୁ ପ୍ରଦାନ କରିବି । ଏପରି କି ତାଙ୍କ ବ୍ୟତୀତ ବ୍ରହ୍ମା, ରୁଦ୍ର ଓ ବିଷ୍ଣୁଙ୍କୁ ମଧ୍ୟ ମୁଁ ତୁଚ୍ଛଜ୍ଞାନ କରଅଛୁ । ତେଣୁ ମୁଁ ସତୀତ୍ୱ ବ୍ରତକୁ ଅବଲମ୍ବନ

Digitized by srujanika@gmail.com

ବ୍ରହ୍ମା ରୁଦ୍ର ଚକ୍ରପାଣି କମ୍ପେ ଯା'ନାମେ ଧରଣୀ
କି ସାହସେ ତନ୍ତୁ ପୁଣି ଲୋ ଅଲକ୍ଷଣି ।
ମୃତ୍ୟୁ ଡୋରେ ହେଲୁ ଲଗ୍ନ,
ଭବବାନ ଭୟ ଭୋଗ ଦାୟରଗୁଣୀ । ୩୭ ।

(ଗ)

ଦେବୀ ଅଙ୍ଗରେ ଉଦ୍‌ବେଗ ବୀରୁଙ୍କ ପାଶ ନାଗ
ଜଗନ୍ନାଥ ବଜ୍ର ଯୋଗ ବ୍ରାହ୍ମଣୀ ଖଡ଼୍‌ଗ,

କରିଛୁ । ଏପରି ଶୁଣି ଦୈତ୍ୟ କହିଲା, ଲୋ ଅଲକ୍ଷଣି । ତୁ ମହେଶଙ୍କୁ ବରଣ କରିବା ପୂର୍ବରୁ ଆଗେ ମୃତ୍ୟୁକୁ ବରଣ କର । ଏହା କହି ଦେବୀଙ୍କୁ ମାରିବାପାଇଁ ଖଡ୍‌ଗ ଉତ୍ତୋଳନ କଲା । ୩୭ ।

ଦେବୀ ଏହା ଦେଖି ଦୈତ୍ୟ ଉପରେ କ୍ରୋଧାନ୍ୱିତ ହୋଇ ଶୁମ୍ଭଣ୍ଡାଗଣଙ୍କୁ ଆଦେଶ ଦେଲେ କି ତୁମ୍ଭେମାନେ ଏହି ଦୈତ୍ୟକୁ ବେଢ଼ିକରି ମାର ? ଦେବୀଙ୍କ ଠାରୁ ଆଦେଶ ପାଇ ବୀରୁ ଦେବୀ ନାଗପାଶ ଓ ବଜ୍ର ଧରି ଚଳିଲେ । ଅଜମଧ ବ୍ରାହ୍ମଣୀ ଦେବୀ ଖଡ଼୍‌ଗ, ଭୈରବୀ ଶୂଳ, ବାଣେଳୀ ଚକ୍ର ଓ ମୁଦ୍‌ଗର ଏବଂ ଅନ୍ୟାନ୍ୟ ଶୁମ୍ଭଣ୍ଡାଗଣ ନିଜ ନିଜ ଅସ୍ତ୍ର ଶସ୍ତ୍ରରେ ଭୂଷିତ ହୋଇ ଏକ ସମୟରେ ଅସ୍ତ୍ର ସମୂହକୁ ଚଳାନ୍ତେ ଦାନବ ଶ୍ରେଷ୍ଠ ମୃତ୍ୟୁ ମୁଖରେ ପଡ଼ିତ

Digitized by srujanika@gmail.com

ଭୈରବୀ ଝାମ୍ପୁଲେ ଦାଗ   ବଜ୍ରେଶ ଗୃମୁଣ୍ଡା ଭଗ
ବାଶେଳୀ ଚଣ୍ଡାସ୍ତ୍ରେ ଦେବୀ ମୃଦ୍‌ଗର ଅଗ ।
ଅସ୍ତ୍ର ଚୂର୍ଣ୍ଣ ଦାନବ ବାଘ,
ପଡ଼ନ୍ତେ ଧରଣୀ ହେଲ ଯୋଗ୍ନୀ ଝସ୍ତର୍ଗ । ୩୮ ।

(ଲା)

ବୀର ହତ ଦେଖି ଭୋଳା   ମାୟା କାୟା ସେ ଢ଼ଟିଲା-
ସ୍ଥଳ ଯମଛାନ ଢେଙ୍କରେ ଅନର୍ଗଳା,
କଣୟ ଗିରକୁ ହେଲା   ନଗର ରଥନ ମେଲା
ବୋଲେ ମର ଲୋ ଅବଳା ମାଡ଼ିଲି ଶୀଳା ।
ଡାକେ ସୈନ୍ୟ ନଗରେ ଚଳା,
ଜୟ ଜାଣି ମନ୍ତ୍ରୀ ହାର ଲମ୍ବାଏ ଗଳା । ୩୯ ।

ହୋଇ ପୃଥିବୀଶାୟୀ ହେବା ମାତ୍ରେ ଯୋଗିନୀବୃନ୍ଦ ବେଢ଼ିକରି ତାହାର ରକ୍ତ ମାଂସକୁ ଆନନ୍ଦରେ ଭକ୍ଷଣ କଲେ । ୩୮ ।

ବୀରମାନଙ୍କର ନିହତ ଦେଖି ଅଧିଶୟ ଦୁଃଖ ଓ କ୍ରୋଧରେ ଜର୍ଜ୍ଜରିତ ହୋଇ ମହିଷ ପୃଷ୍ଠରେ ଶୀଘ୍ର ଆରୋହଣ କରି ମହିଷାସୁର କଣୟ ନାମକ ପର୍ବତକୁ ଆଣି ରତ୍ନ ପର୍ବତରେ ଥିବା ଦେବୀଙ୍କ ଉପରେ ପକାଇ ମାଡ଼ି ବସି ଡାକି କହିଲା, ଲୋ ଅବଳା ! ଏଥର ତୁ ଏହି ପର୍ବତ ତଳେ ରହି ମୃତ୍ୟୁକୁ ବରଣ କର । ତା ସଙ୍ଗରେ ଆସିଥିବା ସୈନ୍ୟମାନଙ୍କୁ କହିଲା—ଚାଲ, ଏବେ ଆମ୍ଭେ ନଗରକୁ ଫେରିଯିବା । ବର୍ତ୍ତମାନ ଏ ସ୍ଥାନରେ ରହିବା ଆଉ ଉଚିତ ନୁହେଁ । ଏହାଶୁଣି ମନ୍ତ୍ରୀ ଧୂମ୍ରାକ୍ଷ ଅତି ଆନନ୍ଦ ମନରେ ଜୟ ମହିଷା ରାଜାଙ୍କର ଜୟ, ଜୟ ମହିଷା ରାଜାଙ୍କର ଜୟ ଜୟ କହି ରାଜାଙ୍କ ଗଳାରେ ପୁଷ୍ପହାର ଲମ୍ବାଇ ଦେଲେ । ୩୯ ।

Digitized by srujanika@gmail.com

(ମା)

ଶୁନେ୍ୟ ଦେବୀ ମାରକମା ବେତାଳୀ ଚନ୍ଦ୍ର ବିଭ୍ରମା
ଗିରନ୍ତୁ ଦେବୀଙ୍କୁ ଷମା କରୁ ପ୍ରଣମା,
ଜୟସୂକ୍ତ ବାଦ୍ୟେ କମା ଦ୍ଧାଙ୍କେ ଅପୂବ ଗାରିମା
କରେ ଶୂଳ ବଜ୍ର ଅସି ମା,
ଦୁର୍ଗ ଯାଏ ଧାଇଁ ସିଂହ ଗୋଡ଼ାନ୍ତି ବାମା । ୪୦ ।

(ଜ)

ସିଂହପୃଷ୍ଠେ କରବାଳ ଧରି ଦେବୀ ଦୈତ୍ୟ ବାଳ
ବୋଇଲେ କପିଳ-ବାଳ ପୂରିଲା କାଳ,

ଦେବୀ ମାରକମା ନାମ୍ନୀ ବେତାଳଙ୍କୁ ହୃଦୟେ ସ୍ମରଣ କରିବାରୁ ସେ ଅସି ଦେବୀ ଓ ଯୋଗ୍ନୀମାନଙ୍କୁ ଶୀଘ୍ର ପର୍ବତ ଉଚ୍ଚ ବାହାର କରି ଦେଖନ୍ତି ତ ସେମାନଙ୍କର ଅଙ୍ଗ ଶୋଭା ଅତ୍ୟନ୍ତ ବର୍ଦ୍ଧିତ ହୋଇଛି, କିଛିମାତ୍ର କ୍ଷତ ହୋଇନାହିଁ । ସମସ୍ତ ଚଣ୍ଡୀ ଗୃମୃଣ୍ଡା ଏକତ୍ରିତ ହୋଇ ଜୟ ଶଙ୍ଖ ବଜାଇଲେ । ଏହି ଶବ୍ଦ ଦୂରରୁ ଶୁଣି ମହିଷାସୁର ଅସ୍ଥିର ହେଲା । ରାତି ପାହିଲା ବେଳକୁ ମହିଷାସୁର ଦେଖିଲା ଯେ ତାର ଗଡ଼ ଗୃହପାଖରେ ଯୋଗ୍ନୀମାନେ ଅସ୍ତ୍ରଶସ୍ତ୍ର ଧରି ଘେରି କରି ରହିଛନ୍ତି । ସମ୍ମୁଖରେ ଦେବୀ ସିଂହ ପୃଷ୍ଠରେ ବସି ହୋଇ ଭୟଙ୍କର ରୂପ ଧାରଣ କରି ହସ୍ତମାନଙ୍କରେ ଶୂଳ, ବଜ୍ର, ଚକ୍ର ଓ ଖଡ଼୍ଗ ଇତ୍ୟାଦି ନାନା ପ୍ରକାର ଅସ୍ତ୍ରଶସ୍ତ୍ରମାନ ଧରି ମହିଷାର ଗଡପଥକୁ ଅବରୋଧ କରିଛନ୍ତି । ୪୦ ।

ଖଡ୍ଗହସ୍ତେ ଦେବୀ ସିଂହ ପୃଷ୍ଠରେ ଥାଇ ମହିଷାର କେଶକୁ ଆକର୍ଷଣ କରି କହିଲେ—ରେ ରାକ୍ଷସ ! ତୋର ଇଷ୍ଟ ସ୍ମରଣ କର । ଏହି ସମୟରେ ସିଂହ ସହିତ ରାକ୍ଷସସିଂହ ମହିଷାସୁର ଯୁଦ୍ଧ ଆରମ୍ଭ

Digitized by srujanika@gmail.com

ଝେଣଗ୍ମ ଝେଣଗ୍ମ ଟେଳ ମାଣ୍ଡବସ୍ତୁ ବକ୍ଷସ୍ଥଳ
ବର୍ଷିଦେବେ ପୁଷ୍ପମାଳ ଅମରେ ମେଳ ।
ଅନ୍ତଫାଙ୍କି ପ୍ରହାରୁ ଶୂଳ,
ନୋହୁ ପ୍ରଶଂସିଲେ ଧନ୍ୟ ମହିଷା ବଳ । ୪୧ ।

(ବୀ)

ବାହୁ ଛେଦ ଘୃଡ଼ ଦେବୀ ଜଳ ସୋ୍ତ ଦଳ ଭ୍ରବ
ପଥେ ଶତ୍ରେ ବ୍ୟସ୍ତେ ସତେ୍ଦ୍ମ କ୍ରମାଇଁ ଯିବ,

କରିଦେଲେ । ସେହି ଯଜ୍ଞରେ ସିଂହ ମହିଷାର ବକ୍ଷସ୍ଥଳକୁ ଝାମ୍ପିବା ଆରମ୍ଭ କଲା । ଏହା ଦେଖି ଆକାଶରୁ ଦେବଗଣ ପୁଷ୍ପ ବର୍ଷଣ କଲେ । ଦେବୀ ମହିଷାର ଅନ୍ତକୁ ଖଣ୍ଡ ଖଣ୍ଡ କରି ଛୁଣ୍ଡାଇ ଦେବା ପାଇଁ ବକ୍ଷସ୍ଥଳକୁ ଲକ୍ଷ୍ୟକରି ଶୂଳ ମାରିଲେ । କିନ୍ତୁ ଦେବୀଙ୍କର ଶୂଳ ମହିଷା ଅଙ୍ଗରେ ବାଜି ବୃଥା ହୋଇଗଲା । ତେଣୁ ମହିଷାର ବଳକୁ ସମସ୍ତେ ପ୍ରଶଂସା କଲେ । ୪୧ ।

ଦେବୀ ଖଡ଼୍‌ଗ ଦ୍ୱାରା ମହିଷାର ଦୁଇ ବାହୁକୁ ଛେଦନ କରନ୍ତେ ତା'ର ବାହୁଦ୍ୱୟରୁ ଶରୀର ଦେଇ ରକ୍ତଧାର ବହି ଯିବାକୁ ଲାଗିଲା । ତାହା ଏପରି ଦେଖି ଜଣାଯାଉଥିଲା କି ରକ୍ତ ସ୍ରୋତ ରୂପକ ଜଳରେ ମହିଷାର ଶରୀର ଦଳହୋଇ ଭାସି ଭାସି ଯାଉଅଛି କି ? ମହିଷା ନିଜ ନଗରକୁ ଫେରି ଯିବାବେଳେ ବାଟ ମଧ୍ୟରେ ଚିନ୍ତା କରୁଅଛି କି ମୋର ଏହି ଛିନ୍ନ ଶରୀରରେ ନଗରକୁ ଯିବା ଉଚିତ ନୁହେଁ । ପୁଣି ମନରେ ଭାବୁଅଛି କି ବନ୍ଧୁବର୍ଗରେ ମୋର ପ୍ରାଣ

Digitized by srujanika@gmail.com

ବିଷ୍ଣୁ ଚକ୍ରେ ପ୍ରାଣ ଦେବ   ପୂର୍ବୁ ନ ଧରିଲି ଦାବ
ନାରୀ ମାରିବା ମୋ ହେଲା ବଧିକ ସେବ ।
କାଳଦଣ୍ଡ ଦଣ୍ଡ ଭୋଗିବ,
କାଲି ପ୍ରାତେ ମାରି ସୁରେ ପ୍ରାଣ ହାରିବି । ୪୨ ।

(ଣା)

ପ୍ରାତେ କାହେ ନାହିଁ ଜଣା   ନ ଦେଇ ବୀର ବାଜଣା
ଯମ ମହିଷ ମହିଷା ଶୃଙ୍ଗେ ଟେକ ଜଣା,

ଯାଇଥିଲେ ମୁଁ ବୈକୁଣ୍ଠ ପ୍ରାପ୍ତ ହୋଇଥାନ୍ତି । କିନ୍ତୁ ପୂର୍ବରୁ ମୋର ମନ ଭ୍ରମ ହୋଇ ନାରୀଦ୍ୱାରା ମୋର ବଡ଼ ବଡ଼ ସେନାପତିମାନଙ୍କ ସହିତ ବହୁ ସଂଖ୍ୟକ ସୈନ୍ୟଗଣଙ୍କୁ ହରାଇଲି ଏବଂ ଶେଷରେ ନିଜେ ପରାସ୍ତ ହେଲି । ମୁଁ ବର୍ତ୍ତମାନ ଖୁବ୍ ଭଲ ଭାବରେ ଜାଣି ସାରିଲିଣି ଯେ ସେ ନାରୀ ଜଣକ ଗୋଟିଏ ସାମାନ୍ୟ ନାରୀ ନୁହେଁ । ସେ ଏକ ମହାନ୍ ଶକ୍ତି-ସମ୍ପନ୍ନ ବିଦୁଷୀ ନାରୀ ଅଟେ । ସେ ଯାହାହେଉ ନା କାହିଁକି, ମୁଁ ସେଥିପ୍ରତି ଭୟଭୀତ ନ ହୋଇ କିମ୍ବା ଭାବନା ନକରି ମୋର ଉପସ୍ଥିତ କର୍ତ୍ତବ୍ୟ ହେଉଛି କିପରି କାଲି ପ୍ରାତରେ ଦେବଗଣଙ୍କୁ ମାରିବି ଓ ତା'ପରେ ନିଜେ ମରିବି । ୪୨ ।

ରାତି ଶେଷ ହେବା ଜାଣି ମହିଷା ତାହାଙ୍କୁ କିଛି ନ କହି କିମ୍ବା କୌଣସି ପ୍ରକାର ବୀରବାଦ୍ୟମାନ ନ ବଜାଇ ମହିଷି ପୃଷ୍ଠରେ ଆରୋହଣ କରି ଲୁଚି ଲୁଚି ଆସି ବନ୍ଦୀଗିରିରେ ଥିବା ଯୋଗିନୀଗଣଙ୍କର ଗୁହାକୁ ସେ ମହିଷିଦ୍ୱାରା ଉତ୍ପାଟନ କରି ସମୁଦ୍ରଗର୍ଭକୁ ଫିଙ୍ଗି ଦେଲା । ସମୁଦ୍ର ଗର୍ଭରେ ପତିତ ହେବା ମାତ୍ରେ ଯୋଗିନୀଗଣ ଗୁହା ମଧ୍ୟରୁ ବାହାରି ସମୁଦ୍ରର ଲହଡ଼ି ଘାତରେ ଭାସି ଭାସି ଆସି କୂଳ ପ୍ରାପ୍ତ ହେଲେ ଏବଂ ସମସ୍ତେ ନିଜ ନିଜର ଅସ୍ତ୍ରଶସ୍ତ୍ରମାନଙ୍କୁ ଧାରଣ କରି

Digitized by srujanika@gmail.com

ଝପାଡ଼ି ଗଗନ ଠଣା   ଫିଙ୍ଗୁ ସିନ୍ଧୁରେ ଘୋଷଣା
ଭୋକି ଚଉଷଠି ଯୋଗ୍ନୀ ପିଶାଚୀ ଗଣା ।
ଦୈତ୍ୟ ବେଢ଼ି କୁଠାରେ ଛିଣା,
ଜମ୍ବୁ ଜମ୍ବୁ ବାଜିଲା ଦୁନ୍ଦୁଭି ବାଜଣା । ୪୩ ।

(ପା)

ମାୟା କାୟା ଅଦ୍ଭୁତରୂପା   ଅଦ୍ଭୁତେ ପ୍ରକୁପେ ଦପା
ଜଳି ସମର ଲୋଲୁପା ପୃଥିବୀ କମ୍ପା,
ବାହିଲେ ଯୋଗିନୀ ଚମ୍ପା   ମର୍ଦ୍ଦିଲେ ଭ୍ରମଲେ ଚପା
ନାରାୟଣୀରେ ପିଠ ବପା ଝଧିର କୁପା ।
ପାଦ ଶିର ବକ୍ଷରେ ଚପା,
ମାଡ଼ିବସେ ନାରାୟଣୀ ହୋଇଣ ଖପା । ୪୪ ।

ମହିଷାସୁରଙ୍କୁ ହାଣିବାରେ ଲାଗିଗଲେ । ଯୋଗ୍ନୀଗଣଙ୍କର ଏପରି ନୃତ୍ୟ ଦେଖି ସ୍ୱର୍ଗରୁ ଦେବତାମାନେ ଦୁନ୍ଦୁଭି ବାଦ୍ୟ ବଜାଇ ପୁଷ୍ପ ବର୍ଷଣ କଲେ । ୪୩ ।

ମହିଷାସୁରଙ୍କୁ ବିନାଶ କରିବା ବେଳେ ତା'ର ଶରୀରରୁ ଏକ ଅଦ୍ଭୁତ ମୂର୍ତ୍ତି ବାହାରି ଯୁଦ୍ଧ କରିବାକୁ କମ୍ପମାନ ହୋଇ ଘନ ଘନ ରଡ଼ିମାନ ଛାଡ଼ିଲା । ସେ ମୂର୍ତ୍ତି ଉତ୍ପନ୍ନହେବା ମାତ୍ରେ ପୃଥିବୀ ଦୁଲୁଦୁଲୁ ହୋଇ କମ୍ପିଉଠିଲା । ଯୋଗ୍ନୀବୃନ୍ଦ ବାଦ୍ୟ ଓ ନୃତ୍ୟାଦି ଦ୍ୱାରା ତାହାକୁ ବଶୀଭୂତ କରିବା ବେଳେ ଦେବୀ ଚଣ୍ଡୀରୂପ ଧାରଣ କରି ତାହାର ମସ୍ତକ ଓ ବକ୍ଷଦେଶରେ ବଜ୍ରସମ ପାଦଦ୍ୱୟକୁ ଦେଇ ତାହାର ସର୍ବାଙ୍ଗରେ କ୍ରୋଧଦୃଷ୍ଟି ନିକ୍ଷେପ କରି ସ-ଯୋରେ ଗୃପିବାକୁ ଲାଗିଲେ । ୪୪ ।

Digitized by srujanika@gmail.com

(ଣ)

ଶବବାହନରେ ବାଛେଣି ସିଦ୍ଧ ବକ୍ଷେ ଉଭା ଜାଣି
ଯାନୁ ସ୍ତନେ ଦୃଷ୍ଟି ଦେଲା ଦାନବମଣି,
ପଞ୍ଚଭୂତ ଅମ୍ବା କଣି ନେଲ୍ଲେ ଦୁର୍ଗତି ତାରଣୀ
ମୋହ ଯାଇଁ ଅସୁର ପଡ଼ିଲା ଧରଣୀ ।
ମହିଷା-ମର୍ଦ୍ଦିନୀ ତାରିଣୀ,
ଜୟ ମଙ୍ଗଳା ପୂଜିଲେ ଭବ ତରଣୀ । ୪୫ ।

ଦେବୀ ବାଛେଣି ସିଦ୍ଧ ଜିଲଗ୍ନ ଅବସ୍ଥାରେ ତାହାର ମସ୍ତକ ଓ ବକ୍ଷ ଦେଶରେ ପାଦ ଦେଇଥିବାରୁ ସେ ଊର୍ଦ୍ଧ୍ୱ ଦୃଷ୍ଟିରେ ଦେବୀଙ୍କର ଜାନୁ ଓ ସ୍ତନଦ୍ୱୟକୁ ଦୃଷ୍ଟି ଦେଇ ମୋହିତ ହୋଇଗଲା । ତାର ସମସ୍ତ ଇନ୍ଦ୍ରିୟମାନ ଅନାସ୍ତୃତ ହୋଇଗଲେ । ମହିଷା ମୀରବ ଓ ପଲକହୀନ ନେତ୍ରରେ ଦେବୀଙ୍କୁ ଅନାଇ ରହିଲା । ତାହାର ସର୍ବାଙ୍ଗକୁ ଜୟକରି ତାହା ଉପରେ ଉଭା ହୋଇକରି ଦେବୀ ଅଟ୍ଟହାସ କରିବାକୁ ଲାଗିଲେ । ଏପରି ସମୟରେ ଦେବତାମାନେ ଭୟ, ଭକ୍ତି ଓ ଆନନ୍ଦିତ ମନେ ଜୟ ମଙ୍ଗଳା ଶବ୍ଦ ଉଚ୍ଚାରଣ କରି ଯୋଡ଼ ହସ୍ତେ ଦେବୀଙ୍କର ସ୍ତବ ପାଠ କରିବାକୁ ଲାଗିଲେ । ଏଣୁ ତ୍ରିପୁରବାସୀମାନେ ସେହିଦିନଠାରୁ ସମସ୍ତ ଜଗତର ମଙ୍ଗଳ ଦାୟିନୀ ସେହି ଦେବୀଙ୍କୁ ଦୁର୍ଗାରୂପରେ ଅବଧି ନିଜର ଦୁଃଖ ଦୁର୍ଦ୍ଦଶାକୁ ବିନାଶ ନିମନ୍ତେ ଭକ୍ତି ସହକାରେ ପୂଜାକରି ଆସୁଅଛନ୍ତି । ୪୫ ।

Digitized by srujanika@gmail.com

ଚଣ୍ଡୀ ଜଗତ ତାରିଣୀ ଦେଶପୁର ଦ୍ୱିଜ ବାଣୀ
କରେ ଏତକ ମାଗୁଣି ହେ ନାରାୟଣୀ,
ତାରେ ତୁଣ୍ଡ କଣ୍ଠମଣି ଗଳାମାଳା ବୀଣାପାଣି
ଅନୁପ୍ରାସ ଗୁଣ ଗୁଣି ପଦ ଭଣିଲେଣି ।
ନିରଞ୍ଜନ ତୋ ପଦ ରଣି,
ଛୟାଳିଶ ପଦେ ବଦେ ଦୋଷ ମାଗୁଣି । ୪୬ ।

ଏହି ଶେଷ ପଦଟିର ଏକ ଏକ ବର୍ଣ୍ଣକୁ କାବ୍ୟର ପ୍ରଥମ ପଦରେ ଛେକାନୁପ୍ରାସ ରଖି ଶେଷରେ ଚଣ୍ଡୀଙ୍କ ପାଦପଦ୍ମରେ ସମସ୍ତ ଦୋଷ ପରିହୃତ ପ୍ରବନ୍ଧଟିକୁ ଶାରଳା ଦାସଙ୍କ କୃତ ଚଣ୍ଡୀପୁରାଣ ଓ ସପ୍ତଶତୀ ଚଣ୍ଡୀରୁ କିଛି ଅଂଶ ନେଇ ମା'ଙ୍କର ପାଦପଦ୍ମରେ ଅର୍ଘ୍ୟ ସ୍ୱରୂପ ଲେଖକ ଅର୍ପଣ କରୁଅଛି ଏବଂ ସର୍ବଦା ସେହି ମାଆଙ୍କର ପଦଧୂଳିକୁ ନିଜର ଶିରରେ ଭୂଷଣକରି ଏହି ଛୟାଳିଶ ପଦ ବିଶିଷ୍ଟ କ୍ଷୁଦ୍ର କାବ୍ୟଟିକୁ ସେହି ଦୁଃଖ-ଦୁର୍ଗତିହାରିଣୀ ମାଆଙ୍କର ପଦ-କମଳରେ ଅର୍ପଣ କରୁଅଛି । ୪୬ ।

ମୁଦ୍ରାକର— ଶ୍ରୀ ଲକ୍ଷ୍ମୀଧର ଦାସ୍
ଦୁର୍ଗା ପ୍ରେସ, ଖଟବିନ୍ ସାହି, କଟକ-୧

Digitized by srujanika@gmail.com

ବିଜ୍ଞାପନ

ଗାୟକ ଶିରୋମଣିଙ୍କ ପ୍ରଣୀତ ଅନ୍ୟାନ୍ୟ ପୁସ୍ତକାବଳୀ

ମାତୃଭକ୍ତି ପ୍ରବନ୍ଧ	ଟ ୦ ୫
ସେତୁବନ୍ଧ ପ୍ରତିଷ୍ଠା	ଟ ୦ ୫
ପାତାଳ ଚଣ୍ଡୀ ବା ମହୀରାବଣ ବଧ	ଟ ୦ ୫
ସତୀ-ସ୍ୱର୍ଗ-ନିଶ୍ରେଣୀ	ଟ ୦ ୫୷
ଶଶିରେଖା ପରିଣୟ	ଟ ୦ ୪
ସଙ୍ଗୀତ ଶିରୋମଣି	ଟ ୧ ୫

ପ୍ରାପ୍ତିସ୍ଥାନ :—

ସମସ୍ତ ପୁସ୍ତକ ଦୋକାନ ଓ ଲେଖକଙ୍କ ନିକଟରେ ।

ନିମ୍ନଲିଖିତ ପୁସ୍ତକମାନ ଯନ୍ତ୍ରସ୍ଥ

ବିଲ୍ୱମଙ୍ଗଳ (ଭକ୍ତବିଳାପ) । ଲକ୍ଷ୍ମଣବଧ
ମୀରାବାଈ । ମଳୟାବତୀ ପରିଣୟ
ପ୍ରଭାସଯଜ୍ଞ । ସରଳା ପରିଣୟ
ଉମାଧବ ଉପାସନା । ପାଦୁକା ସମର୍ପଣ
ଦିଲୀପ ଗୋରକ୍ଷଣ । ଚକ୍ରାର୍ଜ୍ଜୁନ
ଚଣ୍ଡପ୍ରଚଣ୍ଡ ସ୍ତବ । ଶଙ୍ଖଚୂଡ଼ ଉଦ୍ଧାର

କଚ ଦେବଯାନୀ

Digitized by srujanika@gmail.com